## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କୁ ଥାନାରେ ଦେଲେ ସ୍ଥାନୀୟ ଲୋକେ
## ତଦନ୍ତ ନ କରି ଛାଡ଼ିଦେଲା ପୋଲିସ

**ଗଞ୍ଜାମ,୧୧।୧୦(ଡି.ଏନ.ଏ.):** ଗଞ୍ଜାମ ସହରସ୍ଥିତ ଜୟଶ୍ରୀ ମଧ ଇଂଲିଶ ବିଦ୍ୟାଳୟଠାରେ ଗୁରୁବାର ରାତି ୧୧ଟାରେ ବୁଲୁଥିବା ଜଣେ ଅଚିହ୍ନା ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ଗଞ୍ଜାମ ଥାନାରେ ଦେଇଥିଲେ। କିନ୍ତୁ କୌଣସି ତଦନ୍ତ ନ କରି ଉକ୍ତ ଯୁବକଙ୍କୁ ପୋଲିସ ଛାଡ଼ିଦେଇଛି। ଏ ନେଇ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସହରରେ ଚର୍ଚ୍ଚା ଜୋର ଧରିଛି। ଯୁବକଟିର ହାତରେ ଗଭୀର କ୍ଷତ ଥିବା ବେଳେ ତାଙ୍କ ନିକଟରେ ୪ଟି ଏଟିଏମ୍ କାର୍ଡ ଏବଂ ଦାମୀ ଗେଷ୍ଟ ହାଉସର ଭିଜିଟିଙ୍ଗ୍ କାର୍ଡ ଥିବା ଜଣାପଡ଼ିଥିଲା। ଏଥିସହ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତ ବାହାରୁଥିବା ବେଳେ ସେ ହିନ୍ଦୀ ଭାଷାରେ କଥା କହୁଥିଲେ। ଯୁବକଙ୍କ ହାବଭାବରୁ ସେ ଜଣେ ସନ୍ଦିଗ୍ଧ ଅପରାଧୀ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରି ତାଙ୍କୁ ନେଇ ପୋଲିସ ଜିମା ଛାଡ଼ିଥିଲେ। ଶୁକ୍ରବାର ସକାଳ ୮ଟାରେ ଥାନାକୁ ଯାଇ ଦେଖିବା ପରେ ଉକ୍ତ ଯୁବକଙ୍କୁ ପୋଲିସ ସେହି ରାତିରେ ହିଁ ଇଷ୍ଟକୋଷ୍ଟ ଏକ୍ସପ୍ରେସ ଟ୍ରେନରେ ଛାଡ଼ି ଦେଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ସୁଦାମ ମଲିକଙ୍କୁ ପଚାରିବାରୁ ସେ କିଛି ଜାଣିନଥିବା କହିଥିବା ବେଳେ ଏଏସ୍ଆଇ ଅର୍ଜୁନ ଶବର ତାଙ୍କୁ ଟ୍ରେନରେ ଛଡ଼ା ଯାଇଥିବା ସ୍ୱୀକାର କରିଛନ୍ତି। ଏଥି ସହ ଷ୍ଟେଶନରେ ପବ୍ଲିକ ପିଟାମରା କରିଥିବାରୁ ସେ ସହର ମଧକୁ ପଶି ଆସିଥିବା ଏଏସ୍ଆଇ ଶବର ସୂଚନା ଦେଇଛନ୍ତି।

### ଘରେ ପଶି ଆକ୍ରମଣ ମାମଲା
## ବାପ, ପୁଅ ଗଲେ ଜେଲ

**ଦିଗପହଣ୍ଡି,୧୧।୧୦(ଡି.ଏନ.ଏ.):** ଘରେ ପଶି ଆକ୍ରମଣ କରିବା ଅଭିଯୋଗରେ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁରର ସୁରେନ୍ଦ୍ର ସେଠୀ ଓ ତାଙ୍କ ପୁଅ ଜିତୁଙ୍କୁ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୦୦/୧୯ ଦଫା ୨୯୪/୩୨୩/୩୪୧/୪୫୨/୫୦୬/୩୪ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସକାଳ ପ୍ରାୟ ୯ ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ବାପ ପୁଅ ଦୁହେଁ ବିଭିନ୍ନ ମାରଣାସ୍ତ୍ର ଧରି ଗାଁର ଭିକା ସେଠୀଙ୍କ ଘରେ ପଶି କେହି ନ ଥିବା ବେଳେ ତାଙ୍କ ଝିଅଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଭିକାଙ୍କ ସ୍ତ୍ରୀ ବାସିନୀ ଥାନାରେ ଏତଲା ଦେଇଥିଲେ। ଆଇଆଇସି ବସନ୍ତ କୁମାର ସେଠୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ।

### ଭାଉଜଙ୍କୁ ଅସଦାଚରଣ ମାମଲା
## ଦିଅର ଗଲେ ଜେଲ

**ଦିଗପହଣ୍ଡି,,୧୧।୧୦(ଡି.ଏନ୍.ଏ.):** ଭାଉଜଙ୍କୁ ଅସଦାଚରଣ ଅଭିଯୋଗରେ ଦିଗପହଣ୍ଡି ପୋଲିସ ଚରଣ ସାହୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୧୯୮/୧୯ ଦଫା ୪୫୨/୩୨୩/୩୫୪/୨୯୪/୫୦୬/୩୪ ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସନ୍ଧ୍ୟାରେ ଚରଣଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଅଞ୍ଚଳରେ ଗତ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ପାରିବାରିକ କଳହକୁ କେନ୍ଦ୍ରକରି ଅଭିଯୁକ୍ତ ତାଙ୍କ ଭାଉଜଙ୍କୁ ଘରୁ ଟାଣିଆଣି ଅସଦାଚରଣ କରିବା ସହ ମାଡ଼ ମାରିଥିଲେ। ଭାଉଜ ଚିକିତ୍ସା ହେବାପରେ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ବସନ୍ତ କୁମାର ସେଠୀ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ।

### ବୁଢ଼ୀ ଠାକୁରାଣୀ ଯାତ୍ରା
# ସରିଲା ଘଟ ଶୋଭାଯାତ୍ରା

**ଦିଗପହଣ୍ଡି,୧୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ସହରର ପାରମ୍ପରିକ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ମହୋତ୍ସବ ଶୁକ୍ରବାର ୭ମ ଦିନରେ ପହଞ୍ଚିଛି। ଏନେଇ ଦିଗପହଣ୍ଡି ଉତ୍ସବମୁଖର ହୋଇ ଉଠିଥିବାବେଳେ ଘରେ ଘରେ ପିଠା ପଣାର ମଉଜ ଚାଲିଛି।

ସନ୍ଧ୍ୟା ପ୍ରାୟ ୭ଟାରେ ଅସ୍ଥାୟୀ ଯାତ୍ରା ପୀଠରେ ସମ୍ବଲପୁରରୁ ଆସିଥିବା ସମ୍ବଲପୁର କଳା କେନ୍ଦ୍ର କଳାକାରମାନଙ୍କ ଦ୍ୱାରା ନୃତ୍ୟଗୀତ ବେଶ୍ ମନଛୁଆଁ ହୋଇଥିଲା। ସାଢ଼େ ୮ଟାରେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଆରଏସ କୁମାରଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପାରମ୍ପରିକ ପୌରାଣିକ ବେଶଭୂଷାରେ ସହର ପରିକ୍ରମା ଓ ସାହିବସ୍ତିରେ କଳାକୁଞ୍ଜ ନିର୍ମାଣ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ମା' ବୁଢ଼ୀ ଠାକୁରାଣୀଙ୍କ ଘଟ ଶୋଭାଯାତ୍ରାର ଶେଷ ଦିବସରେ ଜନତା ଲେନ, ରାଣୀ ସାହି, ବ୍ରହ୍ମପୁର ରୋଡ ପରିକ୍ରମା କରି ବସଷ୍ଟାଣ୍ଡରେ ପହଞ୍ଚିଥିଲା। ବସଷ୍ଟାଣ୍ଡ ଭାବକୁଣ୍ଡଳେଶ୍ୱର ବ୍ୟବସାୟୀ ସଂଘ ପକ୍ଷରୁ କର୍ମକର୍ତ୍ତା ଅଳକନାଥ ମିଶ୍ର, ସଂଗ୍ରାମ କେଶରୀ ରଥ, ଭି. ରବି ନାରାୟଣ ରାଜ ପ୍ରମୁଖ ମା'ଙ୍କୁ ନିମନ୍ତ୍ରଣ କରିଥିଲେ। ବସଷ୍ଟାଣ୍ଡ ବ୍ୟବସାୟୀଙ୍କ ପକ୍ଷରୁ ପୂଜା ପାଇ ଆସୁଥିବା ଦୁର୍ଗାଙ୍କ ମେଢ଼ ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀଙ୍କ ଭେଟ, ପୂଜାର୍ଚ୍ଚନା, ବନ୍ଦାପନା କରାଯାଇଥିଲା। ରାଣୀ ସାହି ଦୁର୍ଗା ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀ ପହଞ୍ଚିବା ପରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ବିଳମ୍ବିତ ରାତିରେ ବୁଢ଼ୀ ଠାକୁରାଣୀ ଅସ୍ଥାୟୀ ଯାତ୍ରା ପୀଠକୁ ଫେରିଥିଲେ। ଶନିବାର ମା' ବୁଢ଼ୀ ଠାକୁରାଣୀ ଅସ୍ଥାୟୀ ଯାତ୍ରା ପୀଠରେ ବିଶ୍ରାମ ନେବାର କାର୍ଯ୍ୟକ୍ରମ ରହିଛି। ରବିବାର ଭୋରରେ ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି କୁରେଶୁ ମହାରଣା ଜଣାଇଛନ୍ତି।


ଘଟ ଶୋଭାଯାତ୍ରାରେ ମା' ବୁଢ଼ୀ ଠାକୁରାଣୀ।


ଏକ ସାହିରେ ନିର୍ମିତ କଳାକୁଞ୍ଜ।

### ଆଜି ବିଶ୍ରାମ

# ସାହିତ୍ୟ ସଂସଦର ଶାରଦୀୟ ଆସର

**ପାଟପୁର,୧୧।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ସ୍ଥିତ ନାରାୟଣୀ ମନ୍ଦିର ପରିସରରେ ଶୁକ୍ରବାର ଭ୍ରାମ୍ୟମାଣ ସାହିତ୍ୟ ଆସର, ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟକ ପ୍ରଦୀପ୍ତ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଓ.ଜେ.ୟୁ ଜିଲା ସଭାପତି ରବୀନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଚନ୍ଦ୍ରମଣି ସ୍ୱାଇଁ, ବ୍ରହ୍ମପୁର ସାହିତ୍ୟ ସଂସଦର ସଭାପତି ସୁଶାନ୍ତ ଦାଶ, ହରପ୍ରସାଦ ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସାନଖେମୁଣ୍ଡି ମାଟି ଏକ ସାରସ୍ୱତ ମାଟି। ସାନଖେମୁଣ୍ଡିର କବି ନରସିଂହ ମାଠଙ୍କ ରଘୁନାଥ କୀର୍ତ୍ତନ ଏକ ଅଧ୍ୟୟନ ସମ୍ପର୍କିତ ଆଲୋଚନାଚକ୍ରରେ ଅଧ୍ୟାପକ ସୀମାଞ୍ଚଳ ପ୍ରଧାନ ଆଲୋଚନା ଭାବେ ପାଠ କରିବା ସହ ମାଠ ସାହିତ୍ୟ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସହ ସମ୍ପାଦକ ପୀତବାସ ତ୍ରିପାଠୀ, ସୁରଭିରାଣୀ ନାୟକ ସଂଯୋଜନା କରିଥିବା ବେଳେ ଆବୃତ କବିତା କବୟିତ୍ରୀ ଫାଲଗୁନି ଦାଶ, କବି ଯୁଗଳଚନ୍ଦ୍ର ସାହୁ, ସମୀକ୍ଷା କରିଥିଲେ। ମୁଖ୍ୟ ସମ୍ପାଦକ ପ୍ରଣବ ପାଟ୍ଟଯୋଶୀ, ସମ୍ପାଦକ ଶିବରାମ ସାବତ, ଉପ-ସଭାପତି ବିନାୟକ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। କବି ବୃନ୍ଦାବନ ବାଡତ୍ୟାଙ୍କ ପୁସ୍ତକ ଅଭିନନ୍ଦନିକାକୁ ଉନ୍ମୋଚନ କରାଯାଇଥିଲା। ଜୋସ୍ନାରାଣୀ ସ୍ୱାଇଁ, ଭାସ୍କର ରାଉତ, ଶରତ ଚନ୍ଦ୍ର ପଣ୍ଡା, ସୁରେଶ କୁମାର ନାୟକ, କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ଶତାଧିକ କବି କବିତା ପାଠ କରିଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

# ବିଷକ୍ରିୟାରେ ବଡ ଭଉଣୀ ମୃତ, ସାନ ଅସୁସ୍ଥ

**ଜଗନ୍ନାଥପ୍ରସାଦ/ଭଞ୍ଜନଗର, ୧୧।୧୦(ଡି.ଏନ.ଏ.)**

ତାରସିଂ ଥାନା ଅତରାଇପଲ୍ଲୀରେ ଗୁରୁବାର ରାତିରେ ବିଷକ୍ରିୟା ଯୋଗୁ ଅନିତା ନାୟକ (୧୭) ମୃତ୍ୟୁବରଣ କରିଛନ୍ତି। ତାଙ୍କ ସାନ ଭଉଣୀ ଖୁସି (୭) ଅସୁସ୍ଥ ହୋଇପଡିଥିଲେ। ଏନେଇ ପୋଲିସ ୧୨।୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଯାଇଛି। ଅନିତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି।

ପ୍ରକାଶଯେ, ବୀରେନ୍ଦ୍ର ନାୟକ ଓ ତାଙ୍କ ସ୍ତ୍ରୀ ଗୁରୁବାର କାମ କରିବାକୁ ବାହାରକୁ ଯାଇଥିଲେ। ଝିଅ ଅନିତା ତାଙ୍କ ସାଙ୍ଗ ଘରେ ସାନ ଭଉଣୀ ଖସି ସହ ଥିଲେ। ରାତିପ୍ରାୟ ୭ଟାରେ ବୀରେନ୍ଦ୍ର ଗ୍ରାମକୁ ଫେରି ୨ଝିଅ ଗୁରୁତର ଅସୁସ୍ଥ ହୋଇପଡିଥିବା ଦେଖିଥିଲେ। ଅନିତାଙ୍କୁ ଗୁଣିଆ ପାଖକୁ ନେଇ ଝଡାଫୁଙ୍କା ପରେ ଉଭୟଙ୍କୁ ବେଲଗୁଣ୍ଠା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ। ଖୁସିକୁ ଭଞ୍ଜନଗର ମେଡିକାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେ ସୁସ୍ଥ ହୋଇ ଶୁକ୍ରବାର ସକାଳେ ଘରକୁ ଫେରିଛନ୍ତି। ଏନେଇ ବୀରେନ୍ଦ୍ର କୁହନ୍ତି, ଦୁଇ ଝିଅ ଗୁରୁବାର ଅପରାହ୍ନରେ ଗ୍ରାମର ଆଉ କିଛି ଝିଅଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହାପରେ ୨ ଝିଅ ସାଙ୍ଗ ଘରେ ଶୋଇ ପଡିଥିଲା। କ'ଣ ହେଲା ଆମେ ଦ୍ୱନ୍ଦ୍ୱରେ ଅଛୁ। ଅନିତା ବିଷ ପିଇବା ଯୋଗୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମାତ୍ର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ବର୍ଷା ଯୋଗୁ ବିଦ୍ୟୁତ୍ ସେବା ବ୍ୟାହତ, ସାପ ଆତଙ୍କ


ଉଦ୍ଧାର ସାପକୁ ଜଙ୍ଗଲରେ ଛାଡିବା ପାଇଁ ନିଆଯାଉଛି।

**ଭଞ୍ଜନଗର,୧୧।୧୦(ଡି.ଏନ.ଏ):** ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ମୁଜାଗଡ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବର୍ଷା ପାଣି ଗାତରେ ପଶିବାରୁ ସାପ ଗୁଡିକ ବାହାରକୁ ବାହାରି ଏଣେତେଣେ ଘୁରି ବୁଲୁଛନ୍ତି। ଗୁରୁବାର ଅପରାହ୍ନରେ ଲଣ୍ଡେଇସାହିରେ ରହୁଥିବା କେନ୍ଦୁପଦର କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟଙ୍କ ବାସଭବନରୁ ଏକ ଅହିରାଜ ସାପ ବାହାରିଥିଲା। ଯାହାକୁ ନେଇ ଆପଟ୍ଟଙ୍କ ପରିବାର ଲୋକେ ଭୟଭୀତ ହୋଇପଡିଥିଲେ। ବନ ବିଭାଗ କର୍ମଚାରୀ ସାପଟିକୁ ଉଦ୍ଧାର କରି ସୋରାଦେବୀ ଜଙ୍ଗଲରେ ଛାଡିଦେଇଛନ୍ତି।

### ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକ
# କାମଚଳା ସମ୍ପାଦକ ପଦ ଅନୁମୋଦିତ

**ବ୍ରହ୍ମପୁର ଅଫିସ,୧୧।୧୦**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପରିଚାଳନା ବୋର୍ଡର ଜରୁରୀ ବୈଠକ ଶୁକ୍ରବାର ସ୍ଥାନୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସିଇଓ ତଥା ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଗତ ମଙ୍ଗଳବାର ପରଲୋକ ଘଟିଥିବାରୁ ସମବାୟ ବ୍ୟାଙ୍କ ଆଇନ ଅନୁସାରେ ବରିଷ୍ଠ ମ୍ୟାନେଜର ଭି. ତାରକା ନାଧମଙ୍କୁ କାମଚଳା ସମ୍ପାଦକ ଭାବେ ଅବସ୍ଥାପିତ କରିବା ପାଇଁ ବୈଠକରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସରକାର, ରାଜ୍ୟ ସମବାୟ ନିବନ୍ଧକ, ଗଞ୍ଜାମ ଜିଲାପାଳ ତଥା ଅତିରିକ୍ତ ସମବାୟ ନିବନ୍ଧକ ଓ ଅନ୍ୟମାନଙ୍କୁ ପଠାଯାଇଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ମଧ ଏ ସମ୍ପର୍କରେ ଜଣାଇ ଦିଆଯାଇଥିବା ବୈଠକ ପରେ କୁହାଯାଇଛି।

ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କାମଚଳା ସମ୍ପାଦକ ଏଜେଣ୍ଡା ଉପସ୍ଥାପନ କରିଥିଲେ। କର୍ମଚାରୀଙ୍କୁ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦିଆଯିବା ପାଇଁ ସହମତି ପ୍ରକାଶ ପାଇଥିଲା। ଅପରପକ୍ଷରେ ଷଷ୍ଠ ବେତନ କମିଶନ ସୁପାରିସ ପ୍ରକାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପର୍ଯ୍ୟାୟକ୍ରମେ ପୈଠ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତୁରନ୍ତ ହିସାବ କରି ପରିଚାଳନା ବୋର୍ଡରେ ତାଲିକା ଦାଖଲ କରିବା ନିମନ୍ତେ ସମ୍ପୃକ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଆଲୋଚନା କରାଯାଇଥିଲା।

ବୈଠକରେ ଉପସଭାନେତ୍ରୀ ସିଏଚ୍ ତାରକେଶ୍ୱରୀଙ୍କ ସମେତ ସନ୍ତୋଷ କୁମାର ପାତ୍ର, କୈଳାସ ରଣା, ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ସେଠୀ, ଏ. ଖଲି ରେଡ଼ି, ବି. ତ୍ରିନାଥ, ଗାୟତ୍ରୀ ଦଳାଇ, ତମାଳ ନାୟକ, ଆପନା ସେଠୀ, ଆର. ସରସ୍ୱତୀ, ବି. ଧନଞ୍ଜୟଲୁ, ଆର. ରାମ ପ୍ରସାଦ ପ୍ରମୁଖ ପରିଚାଳନା ବୋର୍ଡ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ନିଆଯାଇଥିବା ନିଷ୍ପତ୍ତି ଉପରେ ଆଲୋଚନା କରିଥିଲେ। ସମସ୍ତେ ଦିବଙ୍ଗତ ସମ୍ପାଦକଙ୍କ ସହର ଉପକଣ୍ଠ ହଳଦିଆପଦରସ୍ଥ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।


**IDBI BANK** ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼୍,
ରାୟଗଡା ଶାଖା, ନିଉ କଲୋନୀ, ରାୟଗଡା, ଓଡ଼ିଶା, ପିନ୍-୭୬୫୦୦୧
**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତାମାନଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଅଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୨୮.୧୦.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| କ୍ର. ନଂ. | ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସୁନା ଅଳଙ୍କାରର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା | ନିଲାମ ସ୍ଥାନ |
|---|---|---|---|---|---|
| ୧. | ୦୭୪୧୬୭୧୧୦୦୦୨୧୯୨୪ / ଜି.ନାଗେଶ, ସା: ଅଞ୍ଜୟପେଟା, କ୍ଷେଏସ୍‌ସିଓ ୟୁନିଅନ୍ ଅଫିସ୍ ନିକଟ, ଜିଲ୍ଲା: ରାୟଗଡା | ଚେନ୍-୧ | ୨୩.୮୦୦ | ଟ.୭୪,୮୧୩/- / ଟ.୪,୦୦୦/- | ରାୟଗଡା ଶାଖା |
| ୨. | ୦୭୪୧୬୭୧୧୦୦୦୨୨୧୮୧ / ଶେଖ୍ ମସ୍ତାନ୍‌ନୱାଲି, ରୟତ କଲୋନୀ (ଅଂଶ), ୱାର୍ଡ ନଂ. ୨୨, ଜିଲ୍ଲା: ରାୟଗଡା | ହାର-୧ | ୨୪.୦୦୦ | ଟ.୬୯,୮୨୫/- / ଟ.୩,୭୦୦/- | ରାୟଗଡା ଶାଖା |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ। ଏହାର ଏକ କପି (ନକଲ) ରାୟଗଡା ଶାଖାର ନୋଟିସ୍ ବୋର୍ଡରେ ତା.୧୨.୧୦.୨୦୧୯ରିଖ ଠାରୁ ତା.୨୫.୧୦.୨୦୧୯ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ନିଲାମଧାରୀ ବିକ୍ରୟର ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୋଇଛନ୍ତି ବୋଲି ବିବେଚ୍ୟ ହେବେ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ତା.୨୫.୧୦.୨୦୧୯ରିଖ ଅପରାହ୍ନ ୪.୦୦ଘଟିକା।

ସ୍ଥାନ: ରାୟଗଡା, ତାରିଖ: ୧୧.୧୦.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼



**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି**
(ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ଅନୁଷ୍ଠାନ)
ହାବିଟାଟ୍ ସେଣ୍ଟର, ସେକ୍ଟର ୬୪ ଫେଜ୍ X, ମୋହାଲି - ୧୬୦୦୬୨, ପଞ୍ଜାବ

**୦୨-୦୭ ଡିସେମ୍ବର ୨୦୧୯ ପର୍ଯ୍ୟନ୍ତ ଆଡ୍‌ଭାନ୍ସଡ୍ ଟେକ୍ନିକ୍ସ ଇନ୍ ନାନୋ ସାଇନ୍ସ ଉପରେ ଉ୍ଇଣ୍ଟର ସ୍କୁଲ ନିମନ୍ତେ ବିଜ୍ଞାପନ**
(ଅନୁସୂଚିତ ଜନଜାତିର ଯୁବ ଗବେଷକଙ୍କ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଆଇଏନ୍‌ଏସ୍‌ଟି) "ଆଡ୍‌ଭାନ୍ସଡ୍ ଟେକ୍ନିକ୍ସ ଇନ୍ ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି" ନାମକ ଉ୍ଇଣ୍ଟର ସ୍କୁଲରେ ଅଂଶଗ୍ରହଣ କରିବା ପାଇଁ ଅନୁସୂଚିତ ଜନଜାତିର ଏମ୍.ଏସ୍‌ସି/ଏମ୍.ଟେକ୍ ପିଏଚ୍.ଡି ଛାତ୍ରଛାତ୍ରୀ ତଥା ଯୁବ ଅଧ୍ୟାପକ (ପ୍ରାକୃତିକ ବିଜ୍ଞାନ/ଇଞ୍ଜିନିୟରିଂ/କୃଷି ବିଜ୍ଞାନ)ଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ବିବରଣୀ ପାଇଁ ପ୍ରାର୍ଥୀମାନେ ଅନୁଷ୍ଠାନର ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି: (http://inst.ac.in/ST_outreach.php)



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 177 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Sk. Raphik and others** ...Defendants
**To**
5. **Mr. Sk. Hasimuddin,** At/P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.
6. **Mr. Sushant Kumar Samal,** S/o- Late Netrananda Samal, At/P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 177 of 2019** in the Court of Debts Recovery Tribunal at Cuttack for a recovery of **Rs.30,16,895.37** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **14th day of Nov. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **25th day of September 2019.**

**Sd/- Registrar**
**Manoj Kumar Patnaik**
**Debts Recovery Tribunal**



**ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ**
**"ରଙ୍ଗବତୀ ଉତ୍ସବ-୨୦୧୯"**
**(ପଶ୍ଚିମ ଓଡ଼ିଶା ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ)**

**ସ୍ଥାନ: ଭଞ୍ଜ କଳା ମଣ୍ଡପ, ଭୁବନେଶ୍ୱର**
**ତାରିଖ: ତା. ୧୨ ଅକ୍ଟୋବର, ୨୦୧୯, ସମୟ: ଘ. ୬.୩୦ ମି.**

**ମୁଖ୍ୟ ଅତିଥି:**
**ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ,**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।

**ସମ୍ମାନନୀୟ ଅତିଥି:**
**ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ,**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।
**ଶ୍ରୀଯୁକ୍ତ ବିଜୟ କୁମାର ନାୟକ,**
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।
**ଡଃ. ରାମକୃଷ୍ଣ ସାହୁ**
ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର।

**ସାଂସ୍କୃତିକ କାର୍ଯ୍ୟକ୍ରମ:**
* ସମ୍ବଲପୁରୀ ସଙ୍ଗୀତ: ପଦ୍ମିନୀ ଦୋରା ଓ ସାଥୀ, ସମ୍ବଲପୁର
* ସମ୍ବଲପୁରୀ ନୃତ୍ୟ: ଗଙ୍ଗାଧର ଦାସ ଓ ସାଥୀ, ସମ୍ବଲପୁର
* ବଜାସାଲ: ନିକିତା ଦାସ ଓ ସାଥୀ, ଜୁନାଗଡ଼, କଳାହାଣ୍ଡି

ଏହି ଉତ୍ସବକୁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ।

**ସଚିବ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ**



**ପାୱାର ସିଷ୍ଟମ୍ ଅପରେଶନ୍ କର୍ପୋରେଶନ୍ ଲିଃ (ପୋସୋକୋ)**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
CIN: U40105DL2009GOI188682
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ ଇନଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬

**ବିଜ୍ଞପ୍ତି**

କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗର ଧାରା ୧୦ (୪) (ଆଞ୍ଚଳିକ ଲୋଡ୍ ଡିସ୍‌ପାଚ୍ କେନ୍ଦ୍ରର ଫି' ଓ ଶୁଳ୍କ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ମାମଲା) ନିୟମାବଳୀ ୨୦୧୯ ଅଧୀନରେ ପ୍ରକାଶିତ।

୧. ଉପର ନାମିତ ଆବେଦନକାରୀ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ନୂଆଦିଲ୍ଲୀଙ୍କ ନିକଟରେ **ତା୦୧।୦୪।୨୦୧୯ - ୩୧।୦୩।୨୦୨୪ରିଖର ନିୟନ୍ତ୍ରଣ ଅବଧି ପାଇଁ ଇଷ୍ଟର୍ନ ରିଜିଓନାଲ୍ ଲୋଡ୍ ଡିସ୍‌ପାଚ୍ ସେଣ୍ଟର, ୧୪ ଗଲ୍ଫ କ୍ଲବ୍ ରୋଡ୍, ଟଲିଗଞ୍ଜ, କୋଲକାତା-୩୩** ଲାଗି ଫି' ଓ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ଆବେଦନ କରିଛନ୍ତି।

୨. ଇଆର୍‌ଏଲ୍‌ଡିସିର ବ୍ୟବହାରକାରୀମାନେ ହେଉଛନ୍ତି: ବିଏସ୍‌ଏଚ୍‌ପିସିଏଲ୍, ଜେୟୁଭିଏନ୍‌ଏଲ୍, ଡିଭିସି, ଗ୍ରୀଡ୍‌କୋ, ସିକ୍କିମ୍, ଡବ୍ଲ୍ୟୁବିଏସ୍‌ଇଡିସିଏଲ୍, ପାୱାରଗ୍ରୀଡ୍ ଏଚ୍‌ଭିଡିସି, ଏନ୍‌ଭିଭିଏନ୍, ଆଲିପୁରଦୁଆର ଏଚ୍‌ଭିଡିସି, ଫରକ୍କା ଏସ୍‌ଟିପିପି-। ଓ ।।, କାହାଁଲଗାଓଁ ଏସ୍‌ଟିପିପି-।, କାହାଲଗାଓଁ ଏସ୍‌ଟିପିପି-।।, ତାଳଚେର ଏସ୍‌ଟିପିଏସ୍-।, ତିସ୍ତା ଭି ଏଚ୍‌ଇପି, ରଙ୍ଗିଟ ଏଚ୍‌ଇପି, ଫରକ୍କା ଏସ୍‌ଟିପିପି-।।।, ଏମ୍‌ପିଏଲ୍, ବିଏଆର୍‌ଏଚ୍ ଏସ୍ ଟିପିଏସ୍-।।, ଗତି ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍, ଏପିଏନ୍‌ଆର୍‌ଏଲ୍, ତାଳଚେର ସୋଲାର୍ ପିଭି, ଜିଏମ୍‌ଆର୍ କମଲାଙ୍ଗ ଏନର୍ଜି ଲିଃ, ଜେଆଇଟିପିଏଲ୍, ଟିପିଟିସିଏଲ୍, ଦାମ୍ସ ଏନର୍ଜି ପ୍ରା ଲିଃ ବିଆର୍‌ବିସିଏଲ୍, ଟିୟୁଏଲ୍, ସ୍ନେହା କାଇନେଟିକ୍, ଶିଗା ଏଜର୍ନି ପ୍ରା. ଲିଃ, ଓପିଜିସି, କେବିୟୁଏନ୍‌ଏଲ୍‌ଏସ୍‌ଟିଜି-।।, ଏନ୍‌ପିଜିସି, ଦର୍ଲିପାଲି ଏସ୍‌ଟିଏସ୍, ଇଏନ୍‌ଆଇସିଏଲ୍, ପିକେଟିସିଏଲ୍, ପିଜିସିଆଇଏଲ୍ (ଇଆର୍‌ଟିଏସ୍-।), ପାୱାରଲିଙ୍କସ ଟ୍ରାନ୍ସମିଶନ୍ ଲିମିଟେଡ୍, ଟିଭିଟିପିଏଲ୍, ଆଲିପୁରଦୁଆର ଟ୍ରାନ୍ସମିଶନ୍ ଲିଃ, ଓଜିପିଟିଏଲ୍।

୩. ଶୁଳ୍କସୂଚୀର ବିବରଣୀ: (ଟଙ୍କା ଲକ୍ଷରେ)

| | ଆର୍ଥିକବର୍ଷ ୨୦୧୮-୧୯ ପାଇଁ ଅନୁମୋଦିତ ଫି' ଓ ଶୁଳ୍କ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|
| ଇଆର୍‌ଏଲ୍‌ଡିସି | ୩୫୮୭.୩୮ | ୪୦୬୧.୧୪ | ୪୫୭୫.୦୭ | ୫୩୮୮.୧୩ | ୬୦୪୧.୫୬ | ୬୮୬୫.୯୨ |
| ବିଭାଜିତ ଏନ୍‌ଏଲ୍‌ଡିସି ଶୁଳ୍କ (ଉପରୋକ୍ତରେ ଅନ୍ତର୍ଭୁକ୍ତ) | ୩୦୪.୧୨ | ୬୫୧.୧୩ | ୭୫୧.୭୫ | ୯୫୩.୨୦ | ୧୦୪୩.୭୬ | ୧୧୫୩.୦୭ |

୪. ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ କରାଯାଇଥିବା ଦରଖାସ୍ତର ଏକ ପ୍ରତିଲିପି **www.erldc.in**ରେ ଉପଲବ୍ଧ।

୫. ଦରଖାସ୍ତରେ ସମ୍ବଳିତ ଶୁଳ୍କସୂଚୀ ନିର୍ଦ୍ଧାରଣର ପ୍ରସ୍ତାବ ଉପରେ ହିତାଧିକାରୀଙ୍କ ସମେତ ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା ମତାମତ କିମ୍ବା ଆପତ୍ତି ଦାଏର କରିବାର ଥାଏ, ତେବେ ଏହାକୁ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କ ନିକଟକୁ ଏକ ପ୍ରତିଲିପି ସହିତ ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୩ୟ ମହଲା, ଚନ୍ଦ୍ରାଲୋକ ବିଲ୍ଡିଂ, ୩୬, ଜନପଥ, ନୂଆଦିଲ୍ଲୀ-୧୧୦୦୦୧ଙ୍କ ନିକଟରେ ଦାଖଲ କରାଯାଇପାରିବ।

**ସ୍ଥାନ: କୋଲକାତା - ୭୦୦୦୩୩**
**ତାରିଖ: ୧୨।୧୦।୨୦୧୯**

**ଡି.କେ. ଜୈନ**
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଇଆର୍‌ଏଲ୍‌ଡିସି
୧୪ ଗଲ୍ଫ କ୍ଲବ୍ ରୋଡ୍, ଟଲିଗଞ୍ଜ, କୋଲକାତା-୭୦୦୦୩୩


# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ


ପୁରାତନ ଛାତ୍ରୀଛାତ୍ର।

**ଭଞ୍ଜନଗର,୧୧।୧୦(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ୧୯୯୧ ମସିହା ସ୍ନାତକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଗୁରୁବାର ସ୍ଥାନୀୟ ବନବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ବିଗତ ଦିନର ଅଧ୍ୟାପନା ବ୍ୟବସ୍ଥା ଉପରେ ସ୍ମୃତିଚାରଣ କରିଥିଲେ। ଅଶୋକ ଜେନା, ବିଜୟ ଦାସ, ମିନତି ରଥ, ସାଗରିକା ପାଣିଗ୍ରାହୀ, ନମିତା ନନ୍ଦ, ଅନିତା ପଟ୍ଟନାୟକ, ସଞ୍ଜୁକ୍ତା ଆଚାର୍ଯ୍ୟ, ଦିଲିପ ପ୍ରଧାନ, ଛବିଲାଲ ପୃଷ୍ଟି, ଅଜିତ ପାଣିଗ୍ରାହୀ, ସୁରେନ୍ଦ୍ର ଗୌଡ଼, ମିହିର ପଟ୍ଟନାୟକ, କିଶୋର ତାରିଣି, ଅଶୋକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ**
**ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ**
**ନିରୁଦ୍ଦିଷ୍ଟ ଶିଶୁ ସମ୍ପର୍କରେ ବିଜ୍ଞାପନ**
ସଂଖ୍ୟା :୩୧୦/୧୯, ତା:୧୧/୧୦/୧୯



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଦେବଗଡ ଜିଲ୍ଲାର ବାରକୋଟ ପୋଲିସ ଦ୍ୱାରା ଗତ ତା-୧୬/୦୯/୧୯ ରାତି ୧୧ଟା ସମୟରେ ବାରକୋଟ ନିକଟବର୍ତ୍ତୀ ଆମଗାଁ ଛକରୁ ଏକ ଅଜଣା ଶିଶୁ କନ୍ୟା (ଆନୁମାନିକ ବୟସ ୧୩ କିମ୍ବା ୧୪ ବର୍ଷ)କୁ ଉଦ୍ଧାର କରାଯାଇ ଦେବଗଡ ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ ସ୍ଥିତ ସପୋର୍ଟ ଶିଶୁ ଗୃହରେ ଆଶ୍ରୟ ଦିଆ ଯାଇଛି। ଶିଶୁଟି ନିଜ ନାମ କିମ୍ବା ଠିକଣା କହିପାରୁ ନାହିଁ। ଶିଶୁଟି ଆଂଶିକ ମାନସିକ ଅନଗ୍ରସର ବୋଲି ଅନୁମାନ କରାଯାଉଛି। ଏହି ଶିଶୁର ଯଦି କେହି ପିତାମାତା, ଅବିଭାବକ ବା ଆଇନ ସିଦ୍ଧ ଦାବିଦାର ଥାଆନ୍ତି କିମ୍ବା କୌଣସି ବ୍ୟକ୍ତି ଶିଶୁଟିର ପରିଚୟ ଜାଣିଥାନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଦେବଗଡ, ଫୋନ ନଂ-୦୬୬୪୧-୨୨୬୬୪୫ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଦେବଗଡ, ଫୋନ ନଂ-୦୬୬୪୧-୨୨୬୬୪୩ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ।
ସ୍ୱା/- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ


See Career Appointment on every Wednesday & Saturday

## ସଂକ୍ଷେପରେ

### ୧୨ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୧।୧୦:** ବ୍ରହ୍ମପୁର ସହରରେ ଥିବା ୩ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୧୨ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୫୪, ୬୩୦ ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ବୈଦ୍ୟନାଥପୁର ଥାନା ପୋଲିସ ଆଙ୍କୁଲିରୁ ଶୁକ୍ରବାର ସକାଳେ ୪ ଜୁଆଡ଼ିଙ୍କୁ ଧରିବା ସହ ୪୮,୨୩୦ ଟଙ୍କା ଓ ୨ଟି ମୋବାଇଲ ଜବତ କରିଥିଲା। ସେହିପରି ବଡବଜାର ପୋଲିସ ହରିଡାଖଣ୍ଡି ଲକ୍ଷ୍ମୀନୃସିଂହ ସାହିରୁ ଗୁରୁବାର ରାତିରେ ୪ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୫ ଶହ ଟଙ୍କା ଜବତ କରିଥିଲା। ଅନ୍ୟପକ୍ଷରେ ଗୋଷାଣି ନୂଆଗାଁ ପୋଲିସ ଗୁଡ୍ସଶେଡ୍ ରୋଡରେ ଚାଲିଥିବା ଜୁଆ ଆଡ୍ଡାରୁ ୪ ଜଣ ଜୁଆଡ଼ିଙ୍କୁ ଧରିବା ସହ ୩୯୦୦ ଟଙ୍କା ଜବତ କରିଛି। ସମସ୍ତ ଜୁଆଡ଼ିଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

### ତିତ୍‌ଲିକୁ ବର୍ଷେ ପୂରିଲା
### କ୍ଷତିଗ୍ରସ୍ତଙ୍କୁ ଭେଟି ସମସ୍ୟା ବୁଝିଲେ ଜିଲାପାଳ

**ପାରଳାଖେମୁଣ୍ଡି,୧୧।୧୦(ସ୍ୱ.ପ୍ର.):** -ଝଡ଼ବାତ୍ୟା 'ତିତ୍‌ଲି' ଦ୍ୱାରା ଗଜପତି ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ବିଶେଷକରି ଜିଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ଼ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ ବହୁ ଧନ ଜୀବନ ହାନି ଘଟିଥିବାବେଳେ ଲୋକଙ୍କୁ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଶୁକ୍ରବାର 'ତିତ୍‌ଲି'କୁ ବର୍ଷେ ପୂରିଛି। ଏହି ଅବସରରେ ଜିଲାପାଳ ଅନୁପମ ଶାହା କ୍ଷତିଗ୍ରସ୍ତ ଅଞ୍ଚଳ ତଥା ଗଙ୍ଗାବାଡ଼ ପଞ୍ଚାୟତ ଅଧୀନ ଗଙ୍ଗାବାଡ଼, ଖଣ୍ଡିମରା, ଚମ୍ପାପୁର, ବାରଘର ଆଦି ଗ୍ରାମ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କୁ ଭେଟି ଥଇଥାନ ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। । ବାରଘର ଠାରେ ଜିଲାପାଳ ଲୋକଙ୍କୁ ଚକୋଲେଟ ବାଣ୍ଟିଥିବା ମଧ ଦେଖିବାକୁ ମିଳିଥିଲା। ଏହାସହ ଅଞ୍ଚଳରେ ରହିଥିବା ସମସ୍ୟା ସମ୍ପର୍କରେ ଜଣାଇଲେ ତୁରନ୍ତ ତାହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଏଠାରେ କହିଥିଲେ। ଅନ୍ୟପକ୍ଷରେ ପାହାଡ଼ ତଳି ଅଞ୍ଚଳରେ ବିପଦପୂର୍ଣ୍ଣ ଅବସ୍ଥାରେ ବସବାସ କରୁଥିବା ଲୋକଙ୍କୁ ବାତ୍ୟା ପରେ ସୁରକ୍ଷିତ ସ୍ଥାନକୁ ଥଇଥାନ କରାଯାଇଥିବାବେଳେ ସେଠାକାର ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ମଧ ସେ ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡ଼ ବିଡିଓ ଲୁକାସ ପ୍ରଧାନ, ଗଙ୍ଗାବାଡ଼ ଆର୍‌ଆଇ ହରିଶ୍ଚନ୍ଦ୍ର ରଥ, ଉପଜିଲାପାଳ ସରୋଜ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

> ଆଜି କ'ଣ କେଉଁଠି ପ୍ରସ୍ତରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ଗଞ୍ଜାମ ଜିଲା: ବଢ଼ୁଛି କୁଷ୍ଠ ଆକ୍ରାନ୍ତଙ୍କ ସଂଖ୍ୟା
# ଗ୍ରାମାଞ୍ଚଳରୁ ୩୪୧ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ୍,୧୧।୧୦**

■ଦିଆଗଲା ଏମ୍‌ଡିଟି
■୧୪ରେ ୧୮ ସହରାଞ୍ଚଳରେ ଚିହ୍ନଟ ଶିବିର

ଗଞ୍ଜାମ ଜିଲାରେ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଜିଲାର କେବଳ ଗ୍ରାମାଞ୍ଚଳରେ ନିକଟରେ ଆୟୋଜିତ ହୋଇଥିବା କୁଷ୍ଠ ଚିହ୍ନଟ କାର୍ଯ୍ୟକ୍ରମରେ ୩୪୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେମାନଙ୍କୁ ଏମ୍‌ଡିଟି ଔଷଧ ପ୍ରଦାନ କରାଯାଉଛି। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟପରୀକ୍ଷା ସହ ଆବଶ୍ୟକ ପରାମର୍ଶ ମଧ ଦିଆଯାଉଛି । ଜିଲାର ବେଗୁନିଆପଡ଼ା, ଖଲ୍ଲିକୋଟ ଏବଂ ଦିଗପହଣ୍ଡି ବ୍ଲକରେ ସର୍ବାଧିକ କୁଷ୍ଠରୋଗୀ ଚିହ୍ନଟ ହୋଇଥିବା ତଥ୍ୟ ହସ୍ତଗତ ହୋଇଛି ।

ଗତ ସେପ୍ଟେମ୍ବର ୧୦ରୁ ୨୩ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରରେ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଆଶା କର୍ମୀମାନେ ଘରକୁ ଘର ବୁଲି ସନ୍ଦିଗ୍ଧ ରୋଗୀଙ୍କୁ ଚିହ୍ନଟ କରିଥିଲେ । ପରେ ସ୍ୱାସ୍ଥ୍ୟ କର୍ମୀମାନେ ପହଞ୍ଚି ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଯେଉଁମାନଙ୍କଠାରେ କୁଷ୍ଠ ଲକ୍ଷଣ ମିଳିଥିଲା, ସେମାନଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନୀୟ ମେଡ଼ିକାଲ୍ ଅଫିସର୍ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ପହଞ୍ଚି ଚୂଡ଼ାନ୍ତ ଚିହ୍ନଟ କରିଥିଲେ। ଏଭଳି ଜିଲାର ସମସ୍ତ ଗ୍ରାମାଞ୍ଚଳରୁ ମୋଟ ୩୧,୭୪,୫୩୬ ଜଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା । ସେଥିମଧ୍ୟରୁ ଆଶା କର୍ମୀମାନେ ୬, ୫୪୭ ଜଣଙ୍କ ଠାରେ କୁଷ୍ଠ ଲକ୍ଷଣ ଦେଖାଦେଇଥିବା ସନ୍ଦେହ ପ୍ରକାଶ କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ୩୪୧ ଜଣ କୁଷ୍ଠ ରୋଗୀ ଥିବା ଚୂଡ଼ାନ୍ତ ଚିହ୍ନଟ ହୋଇଥିଲା। ମୋଟ ରୋଗୀଙ୍କ ମଧ୍ୟରେ ଅଛନ୍ତି ୨୨ଜଣ ଶିଶୁ । ସେହିପରି ୧୬୩ ଜଣ ସ୍ୱଳ୍ପ ଜୀବାଣୁ ଏବଂ ୧୭୮ଜଣ ବହୁ ଜୀବାଣୁ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା ।

ବ୍ଲକ ଅନୁଯାୟୀ ତଥ୍ୟକୁ ଦେଖିଲେ ସୂଚନା ମିଳୁଛି ଯେ, ଜିଲାରେ ବେଗୁନିଆପଡ଼ା ବ୍ଲକରେ ସର୍ବାଧିକ ୪୪ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି । ବ୍ଲକର ୧ ଲକ୍ଷ ୪୭ହଜାର ୬୮୧ଜଣଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ୍ କରାଯାଇଥିବା ବେଳେ ୧୮୦ଜଣଙ୍କ ପାଖରେ କୁଷ୍ଠ ଲକ୍ଷଣ ଥିବା ଆଶା କର୍ମୀମାନେ ସନ୍ଦେହ କରିଥିଲେ। ତେବେ ସେଥିରୁ ୪୮ ରୋଗୀଙ୍କ ପାଖରେ କୁଷ୍ଠ ଜୀବାଣୁ ମିଳିଥିଲା । ୨୭ଜଣ ସ୍ୱଳ୍ପ ଜୀବାଣୁ ଏବଂ ୧୭ଜଣ ବହୁ ଜୀବାଣୁ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ବ୍ଲକରେ ଆକ୍ରାନ୍ତଙ୍କ ମଧ୍ୟରୁ ଦୁଇଜଣ ଶିଶୁ ଅଛନ୍ତି । ଦ୍ୱିତୀୟ ସ୍ଥାନରେ ରହିଛି ଖଲ୍ଲିକୋଟ ବ୍ଲକ । ବ୍ଲକର ୧ ଲକ୍ଷ ୭୬ହଜାର ୧୧୨ଜଣଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ୍ କରାଯାଇଥିଲା । ୩୨୧ଜଣଙ୍କ କୁଷ୍ଠ ଦ୍ୱାରା ଆକ୍ରାନ୍ତ ଥିବା ସନ୍ଦେହ ସୃଷ୍ଟି ହେବାରୁ ପରୀକ୍ଷା କରାଯାଇଥିଲା । ସେଥିରୁ ୩୯ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ଜଣ ସ୍ୱଳ୍ପ ଜୀବାଣୁ ଏବଂ ୧୭ଜଣ ବହୁ ଜୀବାଣୁ ଦ୍ୱାରା ଆକ୍ରାନ୍ତ। ଏପରିକି ସେଥିରୁ ୫ଜଣ ଶିଶୁ ମଧ୍ୟ ରହିଛନ୍ତି । ତୃତୀୟ ସ୍ଥାନରେ ରହିଛି ଦିଗପହଣ୍ଡି ବ୍ଲକ । ୧ ଲକ୍ଷ ୫୭ହଜାର ୨୭୬ଜଣଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ୍ କରାଯାଇଥିଲା । ୪୦୨ଜଣଙ୍କୁ ସନ୍ଦେହରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେଥିରୁ ୩୯ଜଣ ରୋଗୀ ଚିହ୍ନଟ ହୋଇଥିଲେ। ୨୩ଜଣ ସ୍ୱଳ୍ପ ଜୀବାଣୁ ଏବଂ ୧୫ଜଣ ବହୁ ଜୀବାଣୁ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା ।

ସେହିପରି ଗଞ୍ଜାମ ବ୍ଲକରେ ୬, ପୋଲସରା ବ୍ଲକରେ ୧୨, ଆସିକା ବ୍ଲକରେ ୧୦, ଭଞ୍ଜନଗର ବ୍ଲକରେ ୧୨, ଶେରଗଡ଼ ବ୍ଲକରେ ୧୭, ସାନଖେମୁଣ୍ଡି ବ୍ଲକରେ ୮ ଜଣ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥପ୍ରସାଦ ବ୍ଲକରେ ୧୩, ଚିକିଟି ବ୍ଲକରେ ୧୧, ବେଲଗୁଣ୍ଠା ବ୍ଲକରେ ୪, ରଙ୍ଗେଇଲୁଣ୍ଡା ବ୍ଲକରେ ୮, କବିସୂର୍ଯ୍ୟନଗର ବ୍ଲକରେ ୧୧, ହିଞ୍ଜିଳିକାଟୁ ବ୍ଲକରେ ୨୬, ଧରାକୋଟ ବ୍ଲକରେ ୧୦, ଛତ୍ରପୁର ବ୍ଲକରେ ୩୦, ବୁଗୁଡ଼ା ବ୍ଲକରେ ୭, ବଡ଼ଗଡ଼ ବ୍ଲକରେ ୮, ପୁରୁଷୋତ୍ତମପୁର ବ୍ଲକରେ ୭, କୁକୁଡ଼ାଖଣ୍ଡି ବ୍ଲକରେ ୧୦ ଏବଂ ପାତ୍ରପୁର ବ୍ଲକରେ ୧୦ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି ।

ଚିହ୍ନଟ ରୋଗୀଙ୍କୁ ଏମ୍‌ଡିଟି ଔଷଧ ପ୍ରଦାନ ସହ ଆବଶ୍ୟକୀୟ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସେହିଭଳି ଆସନ୍ତା ୧୪ତାରିଖରୁ ଜିଲାର ୧୮ଟି ସହରାଞ୍ଚଳରେ ମଧ୍ୟ ରୋଗୀ ଚିହ୍ନଟ ଶିବିର ଆୟୋଜିତ ହେବ ବୋଲି ସୂଚନା ମିଳିଛି ।

### ଚିଙ୍ଗୁଡ଼ିଖୋଲ ପଞ୍ଚାୟତରେ ମୋ ନିବେଦନ କାର୍ଯ୍ୟକ୍ରମ

**ବେଗୁନିଆପଡା, ୧୧।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ବୁରୁଝରି ଓ ଚିଙ୍ଗୁଡ଼ିଖୋଲ ପଞ୍ଚାୟତରେ ଶୁକ୍ରବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ଯୋଗାଣ ନିରୀକ୍ଷକ ଶରତ ବେହେରା, ଜିପିଇଓ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ପି. ସୁରେଶ କୁମାର, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ଏ.ରାମା ରାଓ, ବୁରୁଝରି ସରପଞ୍ଚ କସ୍ତୁରୀ ପରିଡ଼ା, ଚିଙ୍ଗୁଡ଼ିଖୋଲ ସରପଞ୍ଚ ବାଉରୀବନ୍ଧୁ ଦାସ, କୃଷି ବିଭାଗ, ଉଦ୍ୟାନ ବିଭାଗ ସମେତ ବ୍ଲକ ଓ ଉଭୟ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବୁରୁଝରି ପଞ୍ଚାୟତରେ ୭୧୦ ଓ ଚିଙ୍ଗୁଡ଼ିଖୋଲରେ ୨୩୪ ଅଭିଯୋଗ ଆସିଥିଲା।

# ମେଡିକାଲ ବୁଲିଲେ ପୋଲିସ ଅଧିକାରୀ



ବଡ଼ ମେଡିକାଲ ପରିଦର୍ଶନ କରୁଛନ୍ତି ଏସ୍‌ପି ପିନାକ ମିଶ୍ର ।

**ବ୍ରହ୍ମପୁର ଅଫିସ୍,୧୧।୧୦**

ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା 'ମୋ ସରକାର' କାର୍ଯ୍ୟକ୍ରମରେ ଅଧିକାରୀମାନେ ସକ୍ରିୟ ହୋଇଛନ୍ତି। ଶୁକ୍ରବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସଦଳବଳ ବ୍ରହ୍ମପୁର ସିଟି ହସ୍ପିଟାଲ ଏବଂ ବଡ଼ ମେଡିକାଲ ବୁଲି ରୋଗୀଙ୍କ ସହ କଥା ହୋଇଥିଲେ। ଆବଶ୍ୟକ ଚିକିତ୍ସା ସୁବିଧା ମିଳୁଛି କି ନାହିଁ, କେହି ଦଲାଲ୍ ହଇରାଣ କରୁଛନ୍ତି କି ଆଦି ପଚାରି ବୁଝିଥିଲେ। ବଡ଼ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଯାଇ ଆସନ୍ନ ପ୍ରସବା ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ମଧ କଥା ହୋଇଥିଲେ। ଗତ କିଛି ମାସ ହେଲା ଏହି ୱାର୍ଡ଼ରେ ଗର୍ଭବତୀଙ୍କଠାରୁ କେତେଜଣ ନର୍ସ ଟଙ୍କା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ନର୍ସ ଟଙ୍କା ଆଦାୟ କରୁଥିବା ଭିଡ଼ିଓ ମଧ ଭାଇରାଲ୍ ହୋଇଥିଲା । ତେଣୁ ଏସ୍‌ପି ମିଶ୍ର ପରିଦର୍ଶନ ବେଳେ ଏହି ୱାର୍ଡ଼କୁ ଅଧିକ ଗୁରୁତ୍ୱ ଦେଇଥିଲେ। ସେହିପରି ଆଶୁ ଚିକିତ୍ସା ବିଭାଗ, ଶିଶୁ ରୋଗ ବିଭାଗ ଏବଂ ଅସ୍ଥିଶଲ୍ୟ ବିଭାଗକୁ ମଧ ପରିଦର୍ଶନରେ ଯାଇଥିଲେ। ସେହିପରି ସିଟି ହସ୍ପିଟାଲ୍‌କୁ ମଧ ଏସ୍‌ପି ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ପରିଦର୍ଶନରେ ଯାଇ ବିଭିନ୍ନ ୱାର୍ଡ଼ ବୁଲିବା ସହ ରୋଗୀଙ୍କ ସହ କଥା ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଡିଆଇବି ଡିଏସ୍‌ପି ଜେ.କେ. ପଟ୍ଟନାୟକ, ବିଏନ୍‌ପୁର ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ, ଟାଉନ୍ ଥାନା ଆଇଆଇସି ସୁରେଶ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଟ୍ରେନ ଶୌଚାଳୟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୧।୧୦:** ଗୁରୁବାର ରାତି ପ୍ରାୟ ୨ଟାରେ ରେଳବାଇ ପୋଲିସ (ଜିଆର୍‌ପି) କୋଣାର୍କ ଏକ୍ସପ୍ରେସ ଟ୍ରେନର ସାଧାରଣ ବର୍ଗ ବଗିର ଏକ ଶୌଚାଳୟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହୋଇପାରି ନ ଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଉକ୍ତ ମୃତଦେହକୁ ଜବତ କରାଯାଇ ସଂରକ୍ଷଣ ଗୃହରେ ରଖାଯାଇଛି। ଏ ନେଇ ନଂ.୪୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଯୁବକଙ୍କ ପକେଟରୁ ଏକ ଟ୍ରେନ ଟିକେଟ ଓ ଆଧାର କାର୍ଡ ପୋଲିସ ପାଇଛି। ପୁନେରୁ ବାଲୁଗାଁ ପର୍ଯ୍ୟନ୍ତ ଯାତ୍ରା ନିମନ୍ତେ ଉକ୍ତ ଟିକେଟ କରାଯାଇଥିଲା। ଆଧାର କାର୍ଡ ଦେଖି ସମ୍ପୃକ୍ତ ଯୁବକ ସାଗର ସୁକାନ୍ତ ସୁନ୍ଦରାୟ ଓ ଘର ଖୋର୍ଦ୍ଧା ଜିଲା ଅଙ୍କୁଲିଛାତି ବୋଲି ପୋଲିସ ସନ୍ଦେହ କରୁଛି। ବାଲୁଗାଁ ପୋଲିସ ଜରିଆରେ ଜିଆରପି ପୋଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ ମଧ ସନ୍ଧ୍ୟା ୭ଟା ସୁଦ୍ଧା ମୃତଦେହ ଚିହ୍ନଟ ପାଇଁ ଥାନାକୁ କେହି ଆସି ନ ଥିଲେ ବୋଲି ପୋଲିସ କହିଛି।

## ଭୀମାରାଓପେଟା ଜୁଆଆଡ୍ଡାରେ ଚଢ଼ାଉ
# ୨ ପୂର୍ବତନ କର୍ପୋରେଟରଙ୍କ ସମେତ ୧୫ ଗିରଫ

**ବ୍ରହ୍ମପୁର ଅଫିସ,୧୧।୧୦**

■୭ ଲକ୍ଷ ୬୮ ହଜାର ଟଙ୍କା, ୧୬ ମୋବାଇଲ ଫୋନ, ବାଇକ ଜବତ
■ଆମ ପୋଲିସର ଜଣେ କାର୍ଯ୍ୟକର୍ତ୍ତା ଥିଲେ ଆୟୋଜକ

ଟାଉନ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଭୀମାରାଓପେଟାସ୍ଥିତ ଏକ ଘରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ାଉ କରିଥିଲା। ସେଠାରୁ ବ୍ରହ୍ମପୁର ମହାନଗର ନିଗମର ୨ ପୂର୍ବତନ କର୍ପୋରେଟର, ୨ଜଣ ବ୍ୟାଙ୍କ କର୍ମଚାରୀ, ପ୍ରତିଷ୍ଠିତ ବ୍ୟବସାୟୀ ଓ ବିଲ୍ଡରଙ୍କ ସମେତ ୧୫ ଜଣଙ୍କୁ ପୋଲିସ ଗିରଫ କରିଛି। ଆମ ପୋଲିସର ଜଣେ କାର୍ଯ୍ୟକର୍ତ୍ତା ଏହି ଜୁଆ ଖେଳର ଆୟୋଜକ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ଭିମାରାଓପେଟାର ଉକ୍ତ ଘରେ ଦୀର୍ଘଦିନ ହେଲା ଜୁଆଖେଳ ଚାଲିଥିଲା। ଗୁରୁବାର ରାତିରେ ଟାଉନ ଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସେଠାରୁ ଚଢ଼ାଉ କରି ଏହି ହାଇପ୍ରୋଫାଇଲ ଜୁଆଡ଼ିମାନଙ୍କୁ ଗିରଫ କରିଛି। ସେଠାରୁ ୭,୬୮,୭୧୦ ଟଙ୍କା, ୧୬ଟି ମୋବାଇଲ ଫୋନ, ୫ ବାଇକ, ମଦ ବୋତଲ ଓ ଜୁଆଖେଳ ସରଞ୍ଜାମ ଜବତ କରାଯାଇଛି।ଏ ନେଇ ନଂ.୨୦୩/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଜୁଆଡ଼ିମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଟଙ୍କା, ମୋବାଇଲ ଓ ତାସ।

# କର୍ପୋରେଟ୍ ସ୍ୱାର୍ଥରେ କାମ କରୁଛି କେନ୍ଦ୍ର ସରକାର

**ବ୍ରହ୍ମପୁର ଅଫିସ,୧୧।୧୦**

ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ସ୍ମୃତିଚାରଣ ଅବସରରେ ଶୁକ୍ରବାର ସ୍ଥାନୀୟ ଏନ୍‌ଜିଓ ହଲ୍‌ଠାରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଭାରତୀୟଙ୍କ ସ୍ୱାଧୀନତା ପୁଞ୍ଜିପତି ଓ ଫାସିବାଦୀଙ୍କ ହାତରେ କେତେ ସୁରକ୍ଷିତ' ଶୀର୍ଷକକୁ ନେଇ ଆୟୋଜିତ ଏହି ଆଲୋଚନାଚକ୍ରରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ଅଧକ୍ଷତା କରିଥିଲେ। ପରିବେଶବିତ ତଥା ଗ୍ରୀନ୍ ନୋବେଲ୍ ପୁରସ୍କାର ବିଜେତା ପ୍ରଫୁଲ୍ଲ ସାମନ୍ତରା, ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ସାହୁ ଏବଂ ମୋହନ ସିଙ୍ଗାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସରକାରୀ ଶିଳ୍ପ କାରଖାନା ବନ୍ଦ ହେଉଛି । ବେକାରି ବଢ଼ୁଛି। ଏଲ୍‌ଆଇସି, କୋଲ୍‌ଇଣ୍ଡିଆ, ସେଲ୍, ବିଏସ୍‌ଏନ୍‌ଏଲ୍, ଏମ୍‌ଟିଏନ୍‌ଏଲ୍, ଏୟାର୍ ଇଣ୍ଡିଆ ଆଦି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ସରକାର ଅବହେଳା କରୁଛନ୍ତି । ଏଗୁଡ଼ିକୁ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ଅନ୍ୟପଟେ ପୁଞ୍ଜିପତିଙ୍କ ୫ଲକ୍ଷ ୫୫ହଜାର ୯୦୭କୋଟି ଟଙ୍କା ଛାଡ଼ କରାଯାଇଛି। ଯେଉଁମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି, ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଉଛି। ଦେଶରେ ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଦେଖାଦେଲାଣି। କର୍ପୋରେଟ୍ ସ୍ୱାର୍ଥରେ କେନ୍ଦ୍ର ସରକାର କାର୍ଯ୍ୟ କରୁଥିବା ଯୋଗୁ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ରଖିଥିଲେ। ମାନବବାଦୀ ହେତୁବାଦୀ ସଂଗଠନର ମହମ୍ମଦ ଶୁକ୍ରୁ, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ, ନୀହାର ରଞ୍ଜନ ମିଶ୍ର, ପ୍ରଫୁଲ ପଶୁପାଳକ, ଗଗନ ଚନ୍ଦ୍ର ମଲ୍ଲିକ, ଏ.ରତ୍ନାମଲ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା

**ବ୍ରହ୍ମପୁର ଅଫିସ,୧୧।୧୦**

ସାମାଜିକ ଅନୁଷ୍ଠାନ ଫୋରମ ଫର ଗଞ୍ଜାମ, ମାରୁତି ଫୁଡସ, ମହାନଦପୁର ପଞ୍ଚାୟତ ପକ୍ଷରୁ ଜୈବସାରଭିତ୍ତିକ ଚାଷ ଓ ପରିବେଶ ସୁରକ୍ଷା ଶୀର୍ଷକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବ୍ଲକ ମହାନଦପୁର ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିପିଏଲଏଫ ସଭାନେତ୍ରୀ ଶକୁନ୍ତଳା ପାତ୍ର ସଭାପତିତ୍ୱ କରିଥିଲେ। ମାରୁତୀ ଫୁଡସର ଅଧକ୍ଷ ପ୍ରଶାନ୍ତ ମୁନି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୈବସାରର ପ୍ରସ୍ତୁତି ପ୍ରଣାଳୀ ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ପରିବେଶବିତ ତଥା ଫୋରମ ଫର ଗଞ୍ଜାମର ସଂଯୋଜକ ସୁଧୀର ରାଉତ ଯୋଗଦେଇ ରସାୟନିକ ସାର, କୀଟନାଶକ ବହୁଳ ପ୍ରୟୋଗର ଭୟାବହତା ସମ୍ପର୍କରେ କହିଥିଲେ । ରସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜୈବ ସାର ପ୍ରସ୍ତୁତକାରୀ କୃତୀ ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଇ. ତେଜେଶ୍ୱର ରାଓ, ସ୍ୱରାଜ୍ୟ ସୁବୁଦ୍ଧି, ରାଜ୍ୟ ଛତୁ ଚାଷୀ ସଂଗଠନର ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପରିପ୍ରେକ୍ଷରେ ଏକ ସଚେତନତା ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ଅଞ୍ଚଳ ପରିକ୍ରମା କରିଥିଲା। ଜୈବସାର ପ୍ରୟୋଗ, ପରିବେଶର ସୁରକ୍ଷା, ପଲିଥିନ ବର୍ଜନ, ଜଳ ସଂରକ୍ଷଣ, ଚାରାରୋପଣ ଦିଗରେ ସଚେତନତା ସୃଷ୍ଟି କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତିବିଶେଷ ।

## ■ବ୍ରଜନଗର ଫାଣ୍ଡି, ନିମଖଣ୍ଡି ଥାନା ସ୍ଥାପନ ଦାବି
# ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବ୍ରହ୍ମପୁର ଅଫିସ,୧୧।୧୦**

ବ୍ରହ୍ମପୁର ସହର ସନ୍ନିକଟ ତଥା ପାର୍ଶ୍ୱବର୍ତ୍ତୀ ସହରତଳି ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିକାର ପାଇଁ ନିମଖଣ୍ଡିସ୍ଥିତ ଫାଣ୍ଡିକୁ ନିୟମିତ ଥାନାରେ ପରିଣତ କରିବା ଓ ବ୍ରଜନଗର ଅଞ୍ଚଳରେ ଏକ ଫାଣ୍ଡି ନିର୍ମାଣ କରିବାକୁ ଦାବି ହୋଇଛି । ଶୁକ୍ରବାର ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଦାବି ନେଇ ବ୍ରହ୍ମପୁର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅଙ୍କୁଶପୁର ସଦର ଥାନା ଅଧିକାରୀ ସନ୍ତୋଷିନୀ ଓରାମଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହରତଳି ତଥା ବ୍ରହ୍ମପୁର ସହର ସନ୍ନିକଟ ଅନେକ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ନାହିଁ। ତେଣୁ ଅନ୍ଧାରର ସୁଯୋଗ ନେଇ ଉକ୍ତ ଅଞ୍ଚଳରେ ଅସାମାଜିକମାନେ ସକ୍ରିୟ ହେଉଛନ୍ତି । ସଦର ଥାନା ଅଧିକ ଦୂରରେ ଥିବା ଏବଂ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ସହରତଳି ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବା କମିଟି ପକ୍ଷରୁ କୁହାଯାଇଛି ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ।

ନିମଖଣ୍ଡି ଫାଣ୍ଡିକୁ ନିୟମିତ ଥାନାରେ ପରିଣତ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏସପିଙ୍କୁ ଦାବିପତ୍ର ଦିଆଯାଇଥିଲା । ହେଲେ ଏ ଯାଏ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଯଦ୍ୱାରା ସହରତଳି ଅଞ୍ଚଳରେ ଚୋରି, ଡକାୟତି ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା କମିଟି ଅଭିଯୋଗ କରିଛି । ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ନିମଖଣ୍ଡି ଫାଣ୍ଡିକୁ ନିୟମିତ ଥାନା ଓ ବ୍ରଜନଗରରେ ଫାଣ୍ଡି ସ୍ଥାପନ କରାଯାଉ ବୋଲି କମିଟି ଦାବିପତ୍ରରେ ଉଲ୍ଲେଖ କରିଛି । ଦାବିପତ୍ର ପ୍ରଦାନ ବେଳେ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ହରିହର ନାୟକ, କାର୍ଯ୍ୟକାରୀ ସଭାପତି, ନରାୟଣ ଚନ୍ଦ୍ର ପରିଚ୍ଛା, ସଂଯୋଜକ ସି.ଏଚ ରାମକୃଷ୍ଣ ଦାଶ, କାର୍ଯ୍ୟକାରୀ ସଦସ୍ୟ ଏମ. ଲାବଣ୍ୟ ପାତ୍ର, ଏଲ. ସୁଦାମ ପାତ୍ର, କାହ୍ନୁଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନିଶାସକ୍ତ ଚାଳକ ଗିରଫ: ବସ ଜବତ

**ଆସିକା,୧୧।୧୦(ଡି.ଏନ୍.ଏ.):** ନିଶାସକ୍ତ ଅବସ୍ଥାରେ ବସ ଚଳାଉଥିବା ଜଣେ ଚାଳକଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରିଛି । ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ପୋଡାମାରି ଗ୍ରାମର ସୁରେନ୍ଦ୍ର ସାହୁ । ବ୍ରହ୍ମପୁରରୁ ଯାତ୍ରୀଙ୍କୁ ନେଇ ଆସିକା ଆସୁଥିବା ସାଇ ଗଣେଶ ନାମକ ବସକୁ ଆସିକା ବିଜୁ ପଟ୍ଟନାୟକ ଛକଠାରେ ପୋଲିସ ଅଟକାଇ ଯାଞ୍ଚ କରିବା ବେଳେ ଚାଳକ ସୁରେନ୍ଦ୍ର ନିଶାସକ୍ତ ଥିବା ଜଣାପଡିଥିଲା। ଯାତ୍ରୀଙ୍କୁ ଓହ୍ଲାଇଦେଇ ପୋଲିସ ଉକ୍ତ ବସଟିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ଆସିକା ଥାନାରେ ନଂ.୮୩/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ନୂଆ ମୋଟରଯାନ ଆଇନ ପ୍ରଚଳନ ହେବା ପରଠାରୁ ଏ ଯାଏ ଆସିକା ପୋଲିସ ପକ୍ଷରୁ ଏହାକୁ ମିଶାଇ ପ୍ରାୟ ୬୦ଜଣ ନିଶାସକ୍ତ ଚାଳକଙ୍କୁ ଗିରଫ କରାଗଲାଣି। ଆଗକୁ ଏଭଳି ଧରପଗଡ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ୪ ପଞ୍ଚାୟତରେ ବୁଲିଲା ବିକାଶ ରଥ

**ଶେରଗଡ,୧୧।୧୦(ଡି.ଏନ.ଏ.):** ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶେରଗଡ ବ୍ଲକ ପକ୍ଷରୁ ଏକ ବିକାଶ ରଥକୁ ଅଲାରିଗଡ ଗ୍ରାମରୁ ଶୁଭାରମ୍ଭ କରାଯାଇଛି। ଅଧକ୍ଷା ସାରସ ସ୍ୱାଇଁ ଏହାର ଶୁଭାରମ୍ଭ କରିଛନ୍ତି। ଏହି ରଥ ଆରମ୍ଭ ହେବାସହ ଏକ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ତଥା ଜନସାଧାରଣଙ୍କୁ ସଚେତନ କରିଥିଲେ। ସଭାରେ ଏକ ଏଲ୍‌ଇଡି ଟିଭି ମାଧ୍ୟମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ରୂପାୟନ, ପାଇଖାନ ନିର୍ମାଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସହଭାଗିତାରେ କାମ କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ଦିଗରେ ବାର୍ତ୍ତା ଦେଇଥିଲେ। ଏହି ରଥ ଅଲାରିଗଡ ପରେ କୁରୁଳା, ଗୋଠଗାଁ, ଠୁରୁବୁରାଇ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ସରପଞ୍ଚ ଅଶୋକ କୁମାର ସ୍ୱାଇଁଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇଥିଲେ।

### ୨୦ରେ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଚୟନ

**ଫୁଲବାଣୀ ଅଫିସ, ୧୧।୧୦:** କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ ଏବଂ କର୍ମକର୍ତ୍ତା ଚୟନ ଆସନ୍ତା ୨୦ ତାରିଖରେ ମାଷ୍ଟରପଡାସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହେବ। ସଂଘର ସକ୍ରିୟ ସଭ୍ୟାସଭ୍ୟ ଯେଉଁମାନେ ୧୫ ତାରିଖ ସୁଦ୍ଧା ବାର୍ଷିକ ଦେୟ ଦେବେ, ସେହିମାନେ ହିଁ ଭୋଟ ଗ୍ରହଣ ପ୍ରକ୍ରିୟାରେ ଭାଗ ନେଇ ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ ବୋଲି ସଂଘ ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଫାଇଲିନ୍‌କୁ ପୂରିଲା ୬ ବର୍ଷ

# ମନେପଡ଼ିଲେ ଥରିଉଠେ ଛାତି

**ଛତ୍ରପୁର,୧୧।୧୦(ଡି.ଏନ.ଏ)**


କଚ୍ଚା ଘରେ ମୁଣ୍ଡ ଗୁଞ୍ଜିଥିବା ପରିବାର ।

୨୦୧୩ ଅକ୍ଟୋବର ୧୨ ତାରିଖ ରାତିରେ ଆସିଥିଲା ଭୟଙ୍କର ସାମୁଦ୍ରିକ ଝଡ଼ 'ଫାଇଲିନ'। ଏହି ବାତ୍ୟାରେ ଗଞ୍ଜାମ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିଶେଷକରି ଗଞ୍ଜାମ ଜିଲାବାସୀଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା। ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଜିଲାବାସୀ। ଅଧିକାଂଶ କଚ୍ଚାଘର ଭୁଶୁଡ଼ି ପଡ଼ିଥିବା ବେଳେ ରାସ୍ତାଘାଟ ଏବଂ ଫସଲ ଧୋଇଯାଇଥିଲା। ଜିଲାରେ ବିଭିନ୍ନ ସମୟରେ ବାତ୍ୟା, ବନ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିଚାଲିଛି। ୧୯୯୯ ମହାବାତ୍ୟା ପରେ ଆସିଥିବା ଏହି ଫାଇଲିନ୍ କଥା ମନେପଡିଲେ ଏବେ ବି ଜିଲାବାସୀଙ୍କ ଛାତି ଥରି ଉଠୁଛି।

ଫାଇଲିନ ପାଇଁ ପ୍ରଶାସନ ଓ ସରକାରଙ୍କ ପୂର୍ବ ପ୍ରସ୍ତୁତି ଯୋଗୁ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଥିଲା। ମାତ୍ର ଉଜୁଡ଼ି ଯାଇଥିଲା ବହୁ ଘରଦ୍ୱାର ଓ ଫସଲ । ବହୁ ପୁରୁଣା ଗଛ ଉପୁଡ଼ି ପଡ଼ିଥିଲା। ବିଶେଷକରି ସମୁଦ୍ର କୂଳରେ ବସବାସ କରୁଥିବା ବହୁ ଲୋକଙ୍କ କଚ୍ଚାଘରସବୁ ଭାଙ୍ଗିଯାଇଥିଲା। ୬ ବର୍ଷ ପରେ ବି ମନରୁ ଲିଭିନି ସେହି ତାଣ୍ଡବଲୀଳା । ବାତ୍ୟା ବେଳେ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ବିପର୍ଯ୍ୟୟ ମୁକାବିଲା ଏବଂ ଥଇଥାନ ପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଶ୍ୱବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ପ୍ରଶଂସା ମିଳିଥିଲା । ଫାଇଲିନରେ ଗଞ୍ଜାମ ଜିଲାର ୩୭ ଲକ୍ଷ ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହୋଇଥିଲେ । ୨ ଲକ୍ଷ ୩୮ ହଜାର ଘର ଭାଙ୍ଗି ଯାଇଥିଲା । ସେଥିମଧ୍ୟରେ ୭୧ ହଜାର ୨୦୦ କଚ୍ଚା ଘର ରହିଥିଲା । ୬୫ ହଜାର କଚ୍ଚା ଘର ବିଶେଷ କ୍ଷତି ହୋଇଥିଲା । ୧୯ ହଜାର ୫୦୦ ପକ୍କାଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଜିଲାର ୪ ଲକ୍ଷ ହେକ୍ଟର ଜମିରେ ହୋଇଥିବା ଫସଲ କ୍ଷତି ହୋଇଥିଲା। ୧୫୯୦ ଗୋରୁ, ୫୦୮୦ ଛେଳି ମେଣ୍ଢାଙ୍କ ଜୀବନ ଯାଇଥିଲା । ଫାଇଲିନ୍‌ରେ ଭାଙ୍ଗିଯାଇଥିବା ସମୁଦ୍ରକୂଳିଆ କଚ୍ଚାଘର ବଦଳରେ ଲୋକଙ୍କ ପାଇଁ ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟ ସରକାର ଗଞ୍ଜାମ ଜିଲାରେ ୨୦୧୪ରେ ପକ୍କାଘର ନିର୍ମାଣ ଆରମ୍ଭ କରିଥିଲେ । ଜିଲାର ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ଚିକିଟି, ରଙ୍ଗେଇଲୁଣ୍ଡା ଓ ଖଲ୍ଲିକୋଟ ବ୍ଲକର ୧୬ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ଓଡିଆରପି ଯୋଜନାରେ ସାମିଲ କରାଯାଇଥିଲା । ଅନ୍ୟପକ୍ଷରେ ଆହୁରି ଶତାଧିକ ଓଡିଆରପି ଘର ନିର୍ମାଣ ହେବାକୁ ବାକି ରହିଛି । ଓଡିଆରପି କଲୋନୀରେ ରାସ୍ତା, ଡ୍ରେନ୍ ନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥା, ଗୋଷ୍ଠୀକେନ୍ଦ୍ର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ଛତ୍ରପୁର ବ୍ଲକ ପୋଡାପଦର ଗାଁ ନିକଟରେ ୪ ପରିବାର ଏବେ ବି କଚ୍ଚା ଘରେ ରହୁଥିବା ଦେଖିବାକୁ ମିଳିଛି ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ


ଜଣେ ଛାତ୍ରଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

**ଦିଗପହଣ୍ଡି,୧୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ତହସିଲ ପ୍ରଶାସନ ପକ୍ଷରୁ ଗୁରୁବାର ଚୌଧୁରୀ ଟିକରପଡା ଗ୍ରାମରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଗୌଡଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସୁଲତା କୁମାରୀ ସାହୁ, ସରପଞ୍ଚ ପ୍ରତିନିଧି ପୀତବାସ ଚଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ରତ୍ନାକର ସ୍ୱାଇଁ, ବିଘ୍ନେଶ୍ୱର ଆଚାର୍ଯ୍ୟ, ଭଗବାନ ପାତ୍ର, ଶ୍ରୀକାନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୧୨ ବିଭିନ୍ନ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୧ ଦାଖଲ ଖାରଜ (ମ୍ୟୁଟେଶନ), ୫ଟି ଗ୍ରାମକଣ୍ଠ, ୨୫ଟି ବିଭିନ୍ନ ସାର୍ଟିଫିକେଟ ମାମଲା ସମାଧାନ କରାଯାଇଛି। ଏଥିସହ ୧୨ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ୨ ଅଭିଯୋଗର ଶୁଣାଣି କରାଯାଇ ସମସ୍ୟା ସମାଧାନ କରାଯାଇଛି। ରାଜସ୍ୱ ସୁପରଭାଇଜର ସତ୍ୟନାରାୟଣ ପାଣିଗ୍ରାହୀ, ମୁଖ୍ୟ କିରାଣି ଦୁର୍ଗାଚରଣ ପାଢ଼ୀ, ବନଜା ନାୟକ, କୁମାରୀ ଜୟଲକ୍ଷ୍ମୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ



ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

**ଶେରଗଡ,୧୧।୧୦(ଡି.ଏନ.ଏ.)**

ଶେରଗଡ ବ୍ଲକ ଅଲାରିଗଡ ରାଜସ୍ୱ ସର୍କଲର ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ୬ ଜଣଙ୍କୁ ପଟ୍ଟା ଓ ୫ ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ଶେରଗଡ ତହସିଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୨୫୬ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ସୁରଞ୍ଜନ କୁମାର ସାହୁ, ସୁପରଭାଇଜର ପି. ପଞ୍ଚମା, ଆର୍‌ଆଇ ତୁମ୍ନନାଥ ସାହୁ, ଅଲାରିଗଡ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, କୁରୁଳା ସରପଞ୍ଚ ବି. ଆଉଁସା ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ହୀନ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭଞ୍ଜନଗର ରାସ୍ତା କଡରେ ରାଜସ୍ଥାନରୁ ଆସିଥିବା ଚିନାବାଦାମ ବ୍ୟବସାୟୀ। (ଫଟୋ : ବାବୁଲା)

### ଜୁଆଆଡ୍ଡାରେ ଚଢ଼ାଉ, ୩୮ ଗିରଫ

**ଆସିକା(ଡି.ଏନ୍.ଏ.)/ ଗୋପାଳପୁର,୧୧।୧୦**

ଆସିକା ଓ ଗୋପାଳପୁର ଥାନା ପକ୍ଷରୁ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇ ୩୮ ଜଣଙ୍କୁ ଗିରଫ କରାଯାଇଛି। ଆସିକା ଏନ୍‌ଏସିର ପାକଲାପଲ୍ଲୀ, ବାଣୀବିହାର ଏବଂ ବ୍ଲକର ବାଲିଛାଇ ଓ କମାଗଡ ଗ୍ରାମରେ ଚାଲିଥିବା ଜୁଆଖେଳ ଉପରେ ଗୁରୁବାର ରାତିରେ ପୋଲିସ ଚଢାଉ କରି ୩୫ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୬୪ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ପୃଥକ ୪ ମାମଲା (ନଂ.୩୬୫, ୩୬୬, ୩୬୭ ଓ ୩୬୮/୧୯) ରୁଜୁ କରାଯାଇଛି। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଗୋପାଳପୁର ପୋଲିସ ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ,ଏହି ଥାନା ଅନ୍ତର୍ଗତ ପଲିଗୁମୁଲା ଗ୍ରାମରେ ଜୁଆଖେଳ ଚାଲୁଥିବାବେଳେ ସନ୍ଧ୍ୟାରେ ଖବର ପାଇ ଗୋପାଳପୁର ପୋଲିସ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ କେତେଜଣ ଜୁଆଡି ଚମ୍ପଟ ମାରିଥିବା ବେଳେ ୩ଜଣଙ୍କୁ ପୋଲିସ କାବୁ କରିଥିଲା। ଅଭିଯୁକ୍ତମାନଙ୍କ ମାନଙ୍କଠାରୁ ୨୮୯୦ ଟଙ୍କା, ଦୁଇଟି ମୋବାଇଲ ଜବତ କରିଛି। ଏନେଇ ଥାନାରେ ନଂ.୧୨୧/୧୯ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବେଆଇନ କ୍ଲିନିକ, ଔଷଧ ଦୋକାନରେ ଯାଞ୍ଚ

**କନିଷି,୧୧।୧୦(ଡି.ଏନ୍.ଏ.)**

ଗୋଳନ୍ଥରା ଥାନା ରଣ୍ଡା, କନିଷି, ତୁଳୁ ରୋଡ, ଗୋଳନ୍ଥରା, କେଲୁଆପଲ୍ଲୀ ଅଞ୍ଚଳରେ ବର୍ଷବର୍ଷ ହେଲା ବେଆଇନ ଭାବେ ଔଷଧ ଦୋକାନ ଓ କ୍ଲିନିକ୍ ଚାଲୁଛି। ସେଠାରେ ପ୍ରତିଦିନ ଆଖପାଖ ଅଞ୍ଚଳର ଶହ ଶହ ରୋଗୀମାନଙ୍କ ଭିଡ଼ ଜମୁଛି। ଏନେଇ ଅଞ୍ଚଳର ଜନସାଧାରଣ ବ୍ରହ୍ମପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କିଛିଦିନ ତଳେ ଆସି କେତେକ ଔଷଧ ଦୋକାନ ଓ କ୍ଲିନିକରେ ଯାଞ୍ଚ କରି ଫେରିଥିଲେ। ପୁଣି ବୁଧବାର ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କନିଷି ହାଟସ୍ଥିତ ତୁଳୁ ରୋଡ ଓ ଆଖପାଖ ଅଞ୍ଚଳରେ ଥିବା ଔଷଧ ଦୋକାନ ଓ କ୍ଲିନିକରେ ପହଞ୍ଚି ଯାଞ୍ଚ କରିଛନ୍ତି କନିଷି ଭାରପ୍ରାପ୍ତ ତହସିଲଦାର ଅନୀତା ସାହୁ। ଏନେଇ ତାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ମୁଁ ଅଭିଯୋଗ ପାଇବା ପରେ ଯାଞ୍ଚ କରିଥିଲି। ଅନିୟମିତତା ହୋଇଥିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସାହସପୁରରେ ରକ୍ତଦାନ ଶିବିର


ଶିବିରରେ ରକ୍ତଦାନ ଚାଲିଛି।

**ପାତ୍ରପୁର, ୧୧।୧୦(ଡି.ଏନ୍.ଏ.)**

ତଣ୍ଡିପୁର ପଞ୍ଚାୟତ ସାହସପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ମା' ଦୁର୍ଗା ଶିକ୍ଷା ଓ ସାଂସ୍କୃତିକ ସଂଘ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଗାଁ ବାହାରେ କାର୍ଯ୍ୟ କରୁଥିବା ଉତ୍ସାହୀ ଯୁବକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏଥିରେ ୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘ ସଭାପତି ରାଜେଶ ମହାନ୍ତି, ସାୱନ ବିଷୋୟୀ, ଅମନ ମହାନ୍ତି, ନଳିନୀ କାନ୍ତ ବିଷୋୟୀ, ସୃଷ୍ଟି ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର ଡାକ୍ତର ରଶ୍ମିତା ପାଣିଗ୍ରାହୀ, ସୁଶାନ୍ତ କୁମାର ପାଣିଗ୍ରାହୀ, ରାମହରି ପଣ୍ଡା, ବସନ୍ତ ବେହେରା, ଡ଼ମ୍ବରୁ ବାହାଦୁର କାର୍ଯୀ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

## ଜାତୀୟ ସବ୍‌ଜୁନିୟର ଖୋଖୋ ପ୍ରତିଯୋଗିତା

# ଗଞ୍ଜାମର ମୋନିକା, ଚନ୍ଦନଙ୍କୁ ଶୁଭେଚ୍ଛା

**ଚିକିଟି (ଡି.ଏନ.ଏ.)/କୁକୁଡାଖଣ୍ଡି,୧୧।୧୦**


କେ.ମୋନିକା



ଚନ୍ଦନ ଗୌଡ଼।

ଝାଡଖଣ୍ଡ ରାଞ୍ଚିଠାରେ ଅକ୍ଟୋବର ୧ ରୁ ୬ ପର୍ଯ୍ୟନ୍ତ ଚାଲିଥିବା ୩୦ତମ ସବ୍‌ଜୁନିୟର ନ୍ୟାଶନାଲ ମିଟ୍ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଦଳ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ହାତେଇଛି।

ମହିଳା ଫାଇନାଲ୍‌ରେ ଓଡିଶା ଦଳ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ଏଥିରେ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ଗିରିସୋଲା ଗ୍ରାମରେ ଅବସ୍ଥିତ ମଦନ ମୋହନ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ କେ.ମୋନିକା ଭାଗ ନେଇଥିଲେ। ସେ ସର୍ବାଧିକ ୩ ପଏଣ୍ଟ ଆଣି ଚାମ୍ପିୟନ ହୋଇ ଚିକିଟି ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏନେଇ ଛାତ୍ରୀଙ୍କ ବାପା କେ.ପାପା ରାଓ ପ୍ରଧାନ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ପୁରୁଷ ବିଭାଗ ଫାଇନାଲ ମ୍ୟାଚରେ ରନର୍ସଅପ ହୋଇ ସିଲଭର ମେଡାଲ ହାତେଇଛି। ଏଥିରେ କୁକୁଡାଖଣ୍ଡିର ଚନ୍ଦନ ଗୌଡ (୧୪) ଭାଗନେଇ ଭଲ ଖେଳିଥିଲେ। ସେ କୁକୁଡାଖଣ୍ଡି ଅରବିନ୍ଦ ନଗରର ଶ୍ୟାମ ଗୌଡ଼ଙ୍କ ପୁଅ । କୁକୁଡାଖଣ୍ଡି ହାଇସ୍କୁଲରେ ଅଧ୍ୟୟନ ବେଳେ ୨ ବର୍ଷ ପୂର୍ବେ ଖୋଖୋ ଖେଳିବା ଆରମ୍ଭ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଫିରିଙ୍ଗିଆ,୧୧।୧୦**



ବିଧାୟକଙ୍କ ସମେତ ଅନ୍ୟମାନେ ପଦଯାତ୍ରାରେ ଯାଉଛନ୍ତି।

ଫିରିଙ୍ଗିଆରେ ଶୁକ୍ରବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ନେତୃତ୍ୱରେ ପଦଯାତ୍ରା ସ୍ଥାନୀୟ ସ୍କୁଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲା। ଏହାପରେ ଫିରିଙ୍ଗିଆ, କାଶିନିପଦର, ପଲାବୁଡି, ଗୋଚ୍ଛାପଡା ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଘର ଘର ବୁଲି ବିଜେଡି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯିବା ସହ ଲୋକେ କିପରି ଉପକୃତ ହେଉଛନ୍ତି କହିଥିଲେ। ଏଥିସହ ନୂତନ ସଭ୍ୟ ମଧ୍ୟ ସଂଗ୍ରହ କରାଯାଇଥିଲା। ଏହି ପଦଯାତ୍ରା ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ। ଫୁଲବାଣୀ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ଜିଲା ପରିଷଦ ଉପାଧକ୍ଷା ସାରତୀ ମଲ୍ଲିକ, ଜିଲା ପରିଷଦ ସଦସ୍ୟ ଜୟଶ୍ରୀ କହଁର, ଏମ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ, କର୍ମୀ ଅକ୍ଷୟ କର୍ଣ୍ଣ, ସରପଞ୍ଚ, ସମିତି ସଭ୍ୟ ଏବଂ ଦଳୀୟ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ



ଜୟପୁର,୧୧।୧୦(ନି.ପ୍ର./ଡି.ଏନ୍.ଏ.) ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯକ୍ତ ସ୍ୱାମୀଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଅଭିଯୁକ୍ତ ହେଲେ ଏସ୍.କେ. ନାଜିର (୩୨)। ଜୟପୁର ବ୍ରାହ୍ମଣୀଗାଁର ବାସିନ୍ଦା ଫାତିମା ବିବି ନିଜ ସ୍ୱାମୀଙ୍କ ନାମରେ ସଦର ଥାନାରେ ଅଭିଯୋଗ କରିଥିଲେ। ନାଜିର ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ସହ ବହୁଦିନ ହେଲା ଯୌତୁକ ନାଁରେ ଅତ୍ୟାଚାର କରିଆସୁଥିଲେ। ନାଜିର ଏବେ ତାଙ୍କୁ ଜୀବନରୁ ମାରିବାକୁ ତଥା ନାବାଳକ ପୁଅକୁ ଅନ୍ୟତ୍ର ବିକିଦେବାକୁ ଉଦ୍ୟମ କରୁଥିବା ନେଇ ଫାତିମା ଥାନାରେ ଏତଲା ଦେଇଥିଲେ। ଏହି ଅଭଯୋଗକୁ ଭିତ୍ତିକରି ଜୟପୁର ସଦର ଥାନା ପୋଲିସ ଧାରା ୪୯୮/୩୨୩/୩୦୭ ଅନୁଯାୟୀ କେସ୍ ନଂ ୧୭୬/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶିବ ଶଙ୍କର ସାହୁ ସୂଚନା ଦେଇଛନ୍ତି।

### 'ଧରିତ୍ରୀ' ପ୍ରଭାବ
### ଭିନ୍ନକ୍ଷମ ବୃଦ୍ଧ ଦମ୍ପତିଙ୍କୁ ମିଳିଲା ଭତ୍ତା



ବୈପାରୀଗୁଡ଼ା,୧୧।୧୦(ଡି.ଏନ୍.ଏ.): 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ବୈପାରୀଗୁଡ଼ା ଅଞ୍ଚଳର ଦୁଇ ଭିନ୍ନକ୍ଷମ ବୃଦ୍ଧ ଦମ୍ପତିଙ୍କୁ ଭତ୍ତା ମିଳିଛି। ଗୁରୁବାର ମହୁଲି ଜାମ୍ବବତୀ ପରଜା ଓ ପୂର୍ବତନ ସରପଞ୍ଚ ଧନ୍‌ସାଇ ପରଜା ବୃଦ୍ଧଙ୍କୁ ୭୦୦ ଟଙ୍କା ଓ ତାଙ୍କ ସ୍ତ୍ରୀଙ୍କୁ ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୈପାରୀଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ ପାରଲରେ ରହୁଥିବା ଦେବୁରୁ ଜାନି (୬୫) ଓ ତାଙ୍କ ସ୍ତ୍ରୀ ଶଶି ଜାନି (୬୩) ଉଭୟେ ଦୃଷ୍ଟିହୀନ। ସ୍ତ୍ରୀ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଥିବା ବେଳେ ସ୍ୱାମୀ ଆଂଶିକ ଦୃଷ୍ଟିହୀନ ଥିଲେ। ଏଭଳି ସ୍ଥିତିରେ ଅଭାବ ଅସୁବିଧାରେ ଚଳୁଥିବା ଏହି ଭିନ୍ନକ୍ଷମ ଦମ୍ପତିଙ୍କ ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା।

### ୮ ଜୁଆଡ଼ି ଗିରଫ

ଜୟପୁର, ୧୧।୧୦ (ନି.ପ୍ର./ଡି.ଏନ୍.ଏ.): ଜୟପୁର ଟାଉନ ପୋଲିସ ଶୁକ୍ରବାର ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ବେଢ଼ାସାହି ମନ୍ଦିର ନିକଟରେ ବଡ଼ଧରଣର ଜୁଆଖେଳ ଚାଲୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ୨୫ରୁ ୩୦ ଜଣ ଜୁଆ ଖେଳୁଥିବା ବେଳେ ପୋଲିସକୁ ଦେଖି ଚମ୍ପଟ ମାରୁଥିଲେ। ୮ ଜଣଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲା। ସେମାନଙ୍କଠାରୁ ୫୪୧୦ ଟଙ୍କା ଜବତ କରାଯାଇଛି।

## ■ ଜିଲା ଚିକିତ୍ସାଳୟ ମାନ୍ୟତାକୁ ବର୍ଷେ ପୂରିବ

# ଆବଶ୍ୟକ ଶଯ୍ୟା ନାହିଁ, ଖାଲି ପଡ଼ିଛି ଡାକ୍ତର ପଦବୀ

ସୁପ୍ରୀତ ପୂଜାରୀ
ଜୟପୁର,୧୧।୧୦

ଜୟପୁର ଚିକିତ୍ସାଳୟକୁ ଜିଲା ଚିକିତ୍ସାଳୟ ମାନ୍ୟତା ମିଳିଥିଲା। ୨୦୧୮ ଅକ୍ଟୋବର ୧୫ରେ ଏହାକୁ ୩ କିମି ଦୂର ଫୁଲବାଡ଼ରେ ନବନିର୍ମିତ ମାତୃ ଶିଶୁ ଚିକିତ୍ସାଳୟ (ଏମ୍‌ସିଏଚ୍) ଭବନକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ଏହାକୁ ଗୋଟିଏ ବର୍ଷ ହେବାକୁ ଯାଉଛି। କିନ୍ତୁ ଶଯ୍ୟାର ଅଭାବ ଯୋଗୁ କ୍ଷମତାଠାରୁ ଅଧିକ ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବା ସହ ବହୁରୋଗୀଙ୍କୁ ଚଟାଣରେ ଶୁଆଇ ଦିଆଯାଉଛି। ଡାକ୍ତରଙ୍କ ଅଭାବ ଲାଗି ରହିଛି। ସେହିପରି ଅନ୍ୟ କର୍ମଚାରୀଙ୍କ ପଦବୀ ମଧ୍ୟ ଖାଲି ପଡ଼ିଛି।

ନୂତନ ଜିଲା ଚିକିତ୍ସାଳୟକୁ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ଏମାନଙ୍କ ମଧ୍ୟରୁ ୫୦ରୁ ଅଧିକ ରୋଗୀ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏମ୍‌ସିଏଚ୍‌ର ୫୦ ଶଯ୍ୟା, ମହିଳା ବିଭାଗରେ ୨୦ ଓ ପୁରୁଷ ବିଭାଗରେ ୨୦ ଏହିପରି ଚିକିତ୍ସାଳୟରେ ୯୦ ଶଯ୍ୟା କ୍ଷମତା ରହିଛି। କିନ୍ତୁ ଏଠାରେ ୧୮୮ ଶଯ୍ୟା ଗହଳିପୂର୍ଣ୍ଣ ଭାବେ ସଜାଯାଇ ରୋଗୀଙ୍କୁ ଭର୍ତ୍ତି କରାଯାଉଛି। ଫଳରେ ଦୈନିକ ୨୦ରୁ ଅଧିକ ରୋଗୀ ଶଯ୍ୟା ପାଇ ନ ପାରି ଚଟାଣରେ ପଡ଼ିରହି ଚିକିତ୍ସିତ ହେଉଛନ୍ତି। ଜୟପୁର ଜିଲା ଚିକିତ୍ସାଳୟରେ ୮୨ ଜଣ ଡାକ୍ତର, ଉପଖଣ୍ଡ ଚିକିତ୍ସାଳୟରେ




୨୨ ଜଣ ଏହିପରି ୧୦୨ ପଦବୀ ଥିବାବେଳେ ରହିଛନ୍ତି ମାତ୍ର ୨୨ଜଣ। ସେମାନଙ୍କ ମଧ୍ୟରୁ ୨ ଜଣ ଛୁଟିରେ ଅଛନ୍ତି। ଗତ ବୁଧବାର ଅର୍ଥ ସଚିବ ଏ.କେ. ମିନା, '୫-ଟି' ସଚିବ ଭି.କେ. ପାଣ୍ଡିଆନ, ଏନ୍‌ଏଚ୍‌ଏମ୍‌ର ନିର୍ଦ୍ଦେଶିକା ଶାଳିନି ପଣ୍ଡିତ ଚିକିତ୍ସାଳୟ ଗସ୍ତ କରିବା ବେଳେ ଏଠାରେ ୨୦୦ ଶଯ୍ୟାବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ। ଏହି ଭବନର ନକ୍ସା ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଆର୍କିଟେକ୍ଟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। କିନ୍ତୁ ମେଡିକାଲରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ନାହାନ୍ତି। ନିଶ୍ଚେତକରେ ୩ ଜଣ, ରାଡିଓଲୋଜିରେ ଜଣେ, ପାଥୋଲୋଜିରେ ୨ଜଣ, ମନସ୍ତତ୍ତ୍ୱରେ ଜଣେ, ନ୍ୟୁରୋରେ ଜଣେ, କାର୍ଡିଓଲୋଜିରେ ଜଣେ, ସୁପର ସ୍ପେଶାଲିଷ୍ଟ ବିଭାଗରେ ଜଣେ ବିଶେଷଜ୍ଞ ପଦବୀ ରହିଛି। ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ୮ ଜଣଙ୍କ ବଦଳରେ ମାତ୍ର ୨ଜଣ ଏବଂ ଶିଶୁ ବିଭାଗରେ ୯ଜଣଙ୍କ ବଦଳରେ ଜଣ ବିଶେଷଜ୍ଞ ଡାକ୍ତର ରହିଛନ୍ତି । ସେହିପରି ଏମ୍‌ବିବିଏସ ଡାକ୍ତର (ଏଲ୍‌ଟିଆର୍‌ଏମ୍‌ଓ) ଭାବେ ୩୮ ଜଣଙ୍କ ବଦଳରେ ମାତ୍ର ୭ଜଣ ଡାକ୍ତର ଏବଂ ବରିଷ୍ଠ ଡାକ୍ତର ୧୦ଟି ପଦବୀରୁ ମାତ୍ର ଜଣେ ଏବଂ ଜିଡିଏମ୍ ଡାକ୍ତର ଭାବେ ୧୦ଟି ପଦବୀ ମଧ୍ୟରୁ ଜଣେ ଡାକ୍ତରଙ୍କ ଦ୍ୱାରା ସେବା ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ ଏଠାରୁ ବାହାର ଜିଲାକୁ ବଦଳି ହେଉଥିବା ଡାକ୍ତରଙ୍କୁ ରିଲିଭ ତୁରନ୍ତ କରାଯାଉଥିବା ବେଳେ ତାଙ୍କ ଜାଗାରେ ଆସୁଥିବା ଡାକ୍ତର ଯୋଗ ଦେଉନାହାନ୍ତି। ଜିଲା ଚିକିତ୍ସାଳୟରୁ ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟ ତୃତୀୟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଡେପୁଟେସନରେ କୋରାପୁଟକୁ ଫେରାଇ ନିଆଯାଉଥିବା ଯୋଗୁ ଜିଲା ଚିକିତ୍ସାଳୟରେ ସମସ୍ୟା ଦେଖାଦେଇଛି । ଏନେଇ ସିଡିଏମ୍‌ଓ ଡାକ୍ତର ଦଧିବାମନ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଡାକ୍ତର ପଦବୀ ପୂରଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଛି। ଅନ୍ୟ ପଦବୀ ଅତିଶୀଘ୍ର ପୂରଣ କରାଯିବ।

## ଭତରା ବିକାଶ ପରିଷଦର ନୂଆଁଖାଇ ଭେଟ୍‌ଘାଟ୍

କୋଟପାଡ଼,୧୧।୧୦(ଡି.ଏନ୍.ଏ.)

କୋଟପାଡ଼ ଭୈରବ ପଡ଼ିଆ ନିକଟରେ ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ ତରଫରୁ ନୂଆଖାଇ ଭେଟ୍‌ଘାଟ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପରିଷଦର ସ୍ଥାୟୀ ଗୋଷ୍ଠୀ କେନ୍ଦ୍ରରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପାରମ୍ପରିକ ନାଚଗୀତରେ ଅତିଥିମାନଙ୍କୁ ପାଛୋଟି ମଞ୍ଚକୁ ନିଆଯାଇଥିଲା। ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ମୁଖ୍ୟବକ୍ତା କେନ୍ଦ୍ରୀୟ କମିଟି ପୂର୍ବତନ ସଭାପତି ଭଗବାନ ମାଝି, ସମ୍ମାନିତ ଅତିଥି କେନ୍ଦ୍ରୀୟ କମିଟି ଉପସଭାପତି ଗୋପାଳ ପୂଜାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ସଦନ ନାୟକ, ଭୁଜବଳ ମାଝି, ମାଳତି ମାଝି ଯୋଗ ଦେଇଥିଲେ। କୋଟପାଡ଼ ବ୍ଲକ ଦାୟିତ୍ୱରେ ଥିବା ଭତରା ବିକାଶ ପରିଷଦର ମଙ୍ଗରାଜ ରନ୍ଧାରୀ, ନୀଳକଣ୍ଠ ଚଲାଣ, ରୂପ ଭତରା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨ହଜାରରୁ ଅଧିକ ଭତରା ସମାଜର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।



ନୂଆଖାଇ ଭେଟଘାଟରେ ମଞ୍ଚାସୀନ ଅତିଥିମାନେ ।

## ବୈପାରୀଗୁଡ଼ାରେ ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା

ବୈପାରୀଗୁଡ଼ା,୧୧।୧୦(ଡି.ଏନ୍.ଏ.)

ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ସଂଗ୍ରାମୀ ପୀଠ ମାଥିଲରୁ ଆରମ୍ଭ ହୋଇଥିବା ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା ବୈପାରୀଗୁଡ଼ାରେ ପହଞ୍ଚିଛି। ଫ୍ରେଣ୍ଡସ ୟୁନିଟ୍ କ୍ଲବ ଓ ସତ୍ୟ ସମ୍ଭବ ସଙ୍ଗଠନର ଆୟୋଜନରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଛକରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସ୍ମାରକ ନିଧିର ସଭାନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି ଦେଶ ତଥା ଏହାର ସମଗ୍ର ଅଞ୍ଚଳ ପାଇଁ ସାଂପ୍ରଦାୟିକ ଏକତାର ସବୁଠୁ ବେଶୀ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ ଦେଇଥିଲେ। ସର୍ବୋଦୟ ନେତା ନିଶାକର ଦାସ ଗାନ୍ଧୀଜୀଙ୍କ ଅଧୁରା ସ୍ୱପ୍ନ ଗ୍ରାମ ସ୍ୱରାଜକୁ ଗାଁ ଗାଁରେ ସ୍ଥାପିତ କରିପାରିଲେ ହିଁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସଫଳ ହୋଇପାରିବ ବୋଲି ଦର୍ଶାଇଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଡ. ବିଶ୍ୱଜିତ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିବା ବେଳେ ରାଜୀବ ଗାନ୍ଧୀ ଫାଉଣ୍ଡେଶନର ମନୋଜ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, ରଣଜିତ ଦେହୁରୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ 'ଗୋଟିଏ ଅଚିହ୍ନା ଶବ' ପରିବେଷିତ ହୋଇଥିଲା। ଗିରିଶ ଚନ୍ଦ୍ର ପାଲ, ମଧୁସୂଦନ ରାଉତ, ମନ୍ଦାକିନୀ ପାଇକ, ଚକ୍ର ବୈରାଗୀ, ଏନ୍. ସନ୍ତୋଷ କୁମାର କାର୍ଯ୍ୟକ୍ରମ ସଂଯୋଜନା ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ନେତା ମାନସ ପଟ୍ଟନାୟକ ପରିଚାଳନା କରିଥିଲେ। ଯାତ୍ରାଦଳରେ ରଣଜିତ ଦେହୁରୀ, ଇସ୍ତାକ ଖାଁ, ସୋନାଲି ମିଶ୍ର, ଶୁଭଶ୍ରୀ ଦୀପ, ଛୋଟରାୟ ମାଝି,ସୌମ୍ୟ ରଞ୍ଜନ, ଫୁଲଲତା, ପ୍ରଦ୍ୟୁମ୍ନ, ପ୍ରିୟଙ୍କା, ଅରବିନ୍ଦ ତଥା ସୁଦୀପ ମିତ୍ର ଯୋଗ ଦେଇଥିଲେ। ଏହି ଯାତ୍ରା ମାଲକାନଗିରିର ମାଥିଲରୁ ବାହାରି ୧୧ଟି ଜିଲା ଅତିକ୍ରମ କରି ଅକ୍ଟୋବର ୨୬ରେ ଯାଜପୁର ଜିଲା ବାଲିପଡ଼ିଆରେ ଉଦ୍‌ଯାପିତ ହେବ।


ବୈପାରୀଗୁଡାରେ ପହଞ୍ଚିଥିବା ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରାର ସଦସ୍ୟମାନେ ।

## ଜାତୀୟ ଯୁବ ଶିବିରରେ ଯୋଗଦେଲେ ଯୁବଗୋଷ୍ଠୀ

ସେମିଳିଗୁଡ଼ା,୧୧।୧୦(ସ୍ୱ.ପ୍ର.)

ନୂଆଦିଲ୍ଲୀ ସ୍ଥିତ ଜାତୀୟ ଯୁବ ପ୍ରକଳ୍ପ ଓ 'ସମାଜ' ମିଳିତ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୁବ ଶିବିରରେ ଦକ୍ଷିଣ ଓଡ଼ିଶାର ୧୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ଫେରିଛନ୍ତି। ଉକ୍ତ ଶିବିରରେ ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ତଥା ଗାନ୍ଧୀବାଦୀ ଡ. ଏସ୍.ଏନ୍. ସୁବାରାଓଙ୍କ ଦ୍ୱାରା ଏହି ଯୁବ ଶିବିର ଉଦ୍‌ଘାଟିତ ହୋଇଥିଲା। ଏଥିରେ ୧୧୦୦ରୁ ଅଧିକ ଯୁବତୀ ଯୁବକ ଯୋଗ ଦେଇଥିଲେ। କୋରାପୁଟ ଜିଲାରୁ ପ୍ରତିନିଧିତ୍ୱ କରିଥିଲେ କାହ୍ନୁଚରଣ ବରାଡ଼, ଅଜୟ ଇଡ଼ିଙ୍ଗ, ଜଳେନ୍ଦ୍ର ସାହୁ, ମନୋଜ ମୁଠାଇ, ସୁରେଶ ଗୁମାଣ୍ଡି, କାମଦେବ ସାହୁ, ମାନସ ବେହେରା, ନାରାୟଣ ଖରା, ସୁକାନ୍ତ ମାଡ୍ରି, ସାହୁ ପଡ଼ିଆମି, ଭୀମ ପଡ଼ିଆମି, ଦଶରଥ, ସିଙ୍ଗ ଟେଲାମି, କୋଣ୍ଡାଗିରି ମାଝି, ଭରତ ଖୋସ୍‌ଲା, ରାଜ୍ୟ ନାୟାଣ, ସନ୍ତୋଷ ବିଷୋୟୀ, ଶିବାନୀ ସାମଲ, କନ୍ତମା ରନ୍ଧାରୀ। ଶିବିରର ସମସ୍ତ କାର୍ଯ୍ୟକ୍ରମରେ କୋଣାର୍କ, ଧଉଳି, ପୁରୀ ଭ୍ରମଣ କରି ସେମାନେ କୋରାପୁଟ ଫେରିଛନ୍ତି।



ଜାତୀୟ ଯୁବ ଶିବିରରେ ଯୋଗ ଦେଇ ଫେରିଥିବା ଦକ୍ଷିଣ ଓଡ଼ିଶା ବିଭାଗର ଯୁବଯୁବତୀ ।

## କ୍ଷତ୍ରିୟ ମହାସଭାର ଶସ୍ତ୍ର ପୂଜା

ଭଦ୍ରକ ଅଫିସ,୧୧।୧୦

ଖଣ୍ଡାୟତ ଓ କ୍ଷତ୍ରିୟ ମହାସଭା ଧାମନଗର ବ୍ଲକ କାସିମପୁର ଶାଖାର ସନ୍ତକ ପୂଜା ଓ ଶସ୍ତ୍ର ପୂଜନ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କଳସ ଶୋଭାଯାତ୍ରା ବାହାରି ପୂଜାସ୍ଥଳରେ ପହଞ୍ଚିଥିଲା। ଏହାପରେ ମା' ଦୁର୍ଗାଙ୍କଠାରୁ ଆଜ୍ଞାମାଳ ଅଣାଯାଇ ପାରମ୍ପରିକ ପୂଜା, ହୋମ ଯଜ୍ଞ ଓ ସନ୍ତକ ପୂଜା ଅନୁଷ୍ଠିତ ହୋଇଥିଲା। ଶେଷରେ ମହାସଭାର ସମସ୍ତ ସଦସ୍ୟ ନିଜର ପାରମ୍ପରିକ ଅସ୍ତ୍ର ସହ ଗ୍ରାମ ପରିକ୍ରମା କରିଥିଲେ। ମହାସଭାର ସଦସ୍ୟ ବିକ୍ରମାଦିତ୍ୟ ନାୟକ, ମନମୋହନ ନାୟକ, ପ୍ରସନ୍ନ ନାୟକ, ବିଜୟ ଭୂଷଣ ନାୟକ, ଧର୍ମାନନ୍ଦ ନାୟକ, ରାଧାମାଧବ ନାୟକ, ରୁଦ୍ରମାଧବ ନାୟକ, ବିରଞ୍ଚି ନାରାୟଣ ନାୟକ, ଅମୂଲ୍ୟ ନାୟକ, ଗୁଣନିଧି ନାୟକ ଓ ଧୀରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୋରାପୁଟରେ ପିଆଜ କିଲୋ ୬୦

କୋରାପୁଟ,୧୧।୧୦(ସ୍ୱ.ପ୍ର.)

କୋରାପୁଟ ସହରରେ ପିଆଜ କିଲୋ ବର୍ତ୍ତମାନ ୬୦ ଟଙ୍କାରେ ପହଞ୍ଚିଥିବା ଯୋଗୁ ଖାଉଟିଙ୍କୁ ଚିନ୍ତାରେ ପକାଇଛି । ପିଆଜ ଦରରେ ଅହେତୁକ ବୃଦ୍ଧି ଯୋଗୁ ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପିଆଜ ସୁଲଭ ଦରରେ ବିକ୍ରି କରିବାକୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ପିଆଜର ହୋଲସେଲରେ କେଜି ପ୍ରତି ଦର ୪୫ ଟଙ୍କା ରହିଥିବାବେଳେ ଖୁଚୁରା ବଜାରରେ ଏହା ୫୫ରୁ ୬୦ ଟଙ୍କାରେ ବିକ୍ରି ହେଉଛି । ଜିଲା ପ୍ରଶାସନ ଅନ୍ତତଃ ପକ୍ଷେ ୫୦ ଟଙ୍କା, ନଚେତ ତାଠାରୁ କମ୍ ଦରରେ ଖାଉଟିଙ୍କୁ ଯୋଗାଇଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବର୍ଷାରେ ଏନ୍‌ଏଚ୍‌ର ଖାଲଖମା ପାଲଟିଛି ହ୍ରଦ

କୋରାପୁଟ,୧୧।୧୦(ସ୍ୱ.ପ୍ର.)

ଲଘୁଚାପ ବର୍ଷା ଯୋଗୁ ଶୁକ୍ରବାର କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ଜଣାଯାଇଛି । ବିଶେଷ କରି ଜିଲାର ନାରାୟଣପାଟଣା, ପଟ୍ଟାଙ୍ଗି ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳରେ ଦୁଇଦିନ ହେଲା ପ୍ରବଳ ବର୍ଷା ହୋଇଛି । ନାରାୟଣପାଟଣାରେ ଦୁଇଦିନ ଧରି ଲାଗିରହିଥିବା ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ଅପରାହ୍ନରେ ହେଉଥିବା ପ୍ରବଳ ବର୍ଷା ଯୋଗୁ ଦୋକାନ, ବଜାରରେ କାରବାର ମାନ୍ଦା ହୋଇଛି । ସେହିପରି ଏହି ବର୍ଷା ଯୋଗୁଁ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ଖାଲଖମାରେ ବର୍ଷାଜଳ ଜମିରହି ଯାନବାହାନ ଚଳାଚଳରେ ଅସୁବିଧା ସୃଷ୍ଟି ହୋଇଛି । ବିଶେଷ କରି ପଟ୍ଟାଙ୍ଗିର ସୁଙ୍କି ଘାଟି ଓ ରାଲେଗଡ଼ା ଅଞ୍ଚଳରେ ରାସ୍ତା ଉପରେ ବଡ଼ ବଡ଼ ଗାତ ହୋଇ ଗାଡ଼ି ଚଳାଚଳରେ ବାଧା ଉପୁଜୁଛି ।


ସୁଙ୍କି ଘାଟି ଜାତୀୟ ରାଜପଥରେ ଜମିଛି ବର୍ଷାପାଣି।

# କୂଅଖୋଳା ନାଁରେ ପଞ୍ଚାୟତରେ ଦୁର୍ନୀତି

■ କାମ ଅଧାରେ ପକାଇ ବିଲ୍ ହାତେଇଛନ୍ତି ଠିକାଦାର
■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ମିଳୁନି ପାଉଣା

ଦଶମନ୍ତପୁର,୧୧।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଦେଓଖୋଡକ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଷୀଙ୍କ ଜମିରେ ୩ଟି କୂଅ ଖୋଳାଯାଇଥିଲା। ଗ୍ରାମର ପୋଇଲି ମୁଦୁଲି ଯୋଡ଼ିଗଛ ନିକଟରେ ଥିବା ୬୦ ସେଣ୍ଟ ଜମିରେ ଚାଷ ପାଇଁ କୂଅ ଖୋଳିବାକୁ ପଞ୍ଚାୟତ କାର୍ଯ୍ୟାଳୟରୁ ଆବେଦନ କରି କାର୍ଯ୍ୟାଦେଶ ପାଇଥିଲେ। ଜଣେ ଠିକାଦାର ଏହାର ନିର୍ମାଣ କାମ ହାତକୁ ନେଇ ଫୁଟ ପିଛା ୧୬୦୦ ଟଙ୍କା ଲେଖାଏରେ ଖୋଳା ଆରମ୍ଭ କରିଥିଲେ। ୨୦୧୭ରୁ ଏହାର ଆରମ୍ଭ ହୋଇଥିଲେ ମଧ୍ୟ ଏବେବି ତାହା ଅଧାରେ ପଡ଼ିଛି। କିନ୍ତୁ କୂଅଖୋଳା ବାବଦକୁ ବିଲ୍ ସେ ହଡ଼ପ କରିଥିବା ଗ୍ରାମର ଗଙ୍ଗା ପୂଜାରୀ, ସୁଶାନ୍ତ ମୁଦୁଲି, ଜେଟି ମୁଦୁଲି, ଘେନେଇ ମୁଦୁଲି ଅଭିଯୋଗ କରିଛନ୍ତି। କୂଅ ଖୋଳା ହେଲେ ଜମିକୁ ପାଣି ମଡ଼ାଇ ଭଲ ଚାଷ କରିବାକୁ ଆଶା କରିଥିବା ପୋଇଲି ନିରାଶ ହୋଇଛନ୍ତି। ଗୁଜୁରାଣ ମେଣ୍ଟାଇବା ଚିନ୍ତା ଏବେ ତାଙ୍କୁ ଘାରିଛି। ଠିକାଦାର ଜଣକ ସରପଞ୍ଚ, ପିଇଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ହାତଗୁଞ୍ଜା ଦେଇ ଏଭଳି ବିଲ୍ ଜାଲିଆତି କରିଥିବା ଚାଷୀ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ଏହି ଗାଁ ନୁହେଁ, ଦଶମନ୍ତପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହିଭଳି କୂଅଖୋଳାରେ ଦୁର୍ନୀତି ହୋଇଛି। କେଉଁଠି କୂଅଖୋଳା ଅଧାରେ ପଡ଼ିଛି ତ ଅନ୍ୟ କେଉଁଠି ଆରମ୍ଭ ହିଁ ହୋଇନାହିଁ। ନିର୍ମାଣ ସ୍ଥାନକୁ ନ ଯାଇ ସରପଞ୍ଚ, ପିଇଓମାନେ କିପରି ବିଲ୍ ପାରିତ କରୁଛନ୍ତି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଗ୍ରାମବାସୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପିଇଓ ବି. ଖୁଣ୍ଟୁପିଆଙ୍କୁ ଫୋନ୍‌ରେ ଯୋଗାଯୋଗ ଉଦ୍ୟମ ହୋଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।


ଦେଓଖୋଡକ ଗାଁରେ ପୋତି ହୋଇଯାଇଥିବା ଅର୍ଦ୍ଧନିର୍ମିତ କୂଅକୁ ଦେଖାଉଛନ୍ତି ଗାଁ ଲୋକେ ।

## ସଂକ୍ଷେପରେ

### ଚାପଗ୍ରସ୍ତ ଟ୍ରକ ମାଲିକଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୧୧।୧୦ (ସ୍ୱ.ପ୍ର.):** ପରିବହନ କାମ ନ ପାଇ ମାନସିକ ଚାପରେ ଥିବା ଜଣେ ଟ୍ରକ ମାଲିକଙ୍କ ମୃତ୍ୟୁ ଘଟିବା ଅଭିଯୋଗ ନେଇ କେନ୍ଦୁଝରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଉଚ୍ଚ ରକ୍ତଚାପ ଯୋଗୁଁ ଅସୁସ୍ଥ ହୋଇପଡିବାରୁ ଏହି ଟ୍ରକ ମାଲିକଙ୍କୁ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ପଠାଯିବାକୁ ଉଦ୍ୟମ କଲା ବେଳେ ତାଙ୍କର ମୃତ୍ୟୁ ଘଟିଥଲା। ଟ୍ରକ ଲୋଡିଂ ବିବାଦୀୟ ସମସ୍ୟା ନେଇ ଏବେ ବହୁ ଟ୍ରକ ମାଲିକ କାମ ନ ପାଇ ଚାପରେ ରହୁଛନ୍ତି ବୋଲି ଜଣେ ଟ୍ରକମାଲିକମାନେ ଖୋଲାଖୋଲି ମତ ବ୍ୟକ୍ତ କରୁଛନ୍ତି। ଗତ କିଛି ଦିନ ତଳେ ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହାର ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ଟ୍ରକ ମାଲିକମାନେ କହିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ସୋମନାଥ ଜେନାଙ୍କୁ ପଚାରିବାରୁ ଏଭଳି ଘଟଣା ନେଇ କେହି ଥାନାରେ ଏତଲା ଦେଇନାହାଁନ୍ତି, ଏତଲା ହେଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀଙ୍କ କାର୍ଯ୍ୟକାରିଣୀ ବୈଠକ

**ସୋର, ୧୧।୧୦(ଡି.ଏନ୍.ଏ.):** ସୋର ମହିଳା ମହାବିଦ୍ୟାଳୟ ପରିସରରେ ବାଲେଶ୍ୱର ଜିଲା ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ବନମାଳୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ସଂଘ ସଭାପତି ଶରତ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସଙ୍ଗଠନ ସମ୍ପାଦକ ମଦନ ମହଲା, ଯୁଗ୍ମ ସମ୍ପାଦକ ଉମାକାନ୍ତ ନାୟକ, ଜିଲା ସହସମ୍ପାଦକ ମହେଶ୍ୱର ମିଶ୍ର ପ୍ରମୁଖ ଯୋଗ ଦେଇ ଚାକିରି ସର୍ତ୍ତାବଳୀ ଓ ବିଭିନ୍ନ ଦାବି ନେଇ ଆଲୋଚନା କରିଥିଲେ। ସପ୍ତମ ବେତନ କମିଶନ ସୁପାରିଶ ଅନୁଯାୟୀ ୨୦୧୭ ମସିହା ଜାନୁୟାରୀ ପରିବର୍ତ୍ତେ ୨୦୧୬ ଜାନୁଆରୀରୁ ଲାଗୁ କରିବା, ଗ୍ରାଚ୍ୟୁଇଟି ସୀମା ୧୫ ଲକ୍ଷକୁ ବୃଦ୍ଧି, ସରକାରୀ କଲେଜ ଅଧାପକଙ୍କ ପାଇଁ ଲାଗୁ ହୋଇଥିବା ଛୁଟି ବିକ୍ରୟ, ପେନସନ୍ ପ୍ରଦାନ, ବ୍ଲକ ଗ୍ରାଣ୍ଟ ଅଧାପକଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ, ୟୁଜିସି ଲିଙ୍କଡ୍ ପ୍ରମୋସନ ସହ ଅବସର ସମୟ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ ପାଇଁ ବୈଠକରେ ଉପସ୍ଥାପିତ କରାଯାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ଣ୍ଣଚନ୍ଦ୍ର ବେହେରା, ସରୋଜ ଚନ୍ଦ୍ର ମହାପାତ୍ର, ଜୟନ୍ତ ଦ୍ୱିବେଦୀ, ବ୍ରଜକିଶୋର ପାଲ, ଗୋପବନ୍ଧୁ ମିଶ୍ର, ରଞ୍ଜନ ମହାନ୍ତଞ୍ଜ, ବିନୟ କୁମାର ଲେଙ୍କା ଓ ସଞ୍ଜୀବ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ

**ଭଦ୍ରକ ଅଫିସ,୧୧।୧୦**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସାଲେପୁର ଏବଂ ଓରାଳିବିନ୍ଧା ଗ୍ରାମକୁ ସବୁଦିନିଆ ଭଲ ରାସ୍ତା ନାହିଁ। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଫଳରେ ବର୍ଷାଦିନେ ଲୋକେ ଘରୁ ବାହାରି ତିହିଡ଼ି କିମ୍ବା ଭଦ୍ରକ ଆସିପାରୁ ନାହାନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ। ଏପରିକି ରୋଗୀମାନଙ୍କୁ ୩ କି.ମି. ଭାରରେ ବୋହି ଅଣାଯାଉଛି। ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଅନୁରୂପ ଭାବେ ଆଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଦୁଇ ଗ୍ରାମବାସୀ।

ତିହିଡ଼ି ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୧୪ କି.ମି. ଦୂର ଏହି ଦୁଇ ଗାଁ। ୨ଟି ଗାଁକୁ ସବୁଦିନିଆ ରାସ୍ତା ନ ଥିବାବେଳେ ତିଆଡ଼ିସାହି ଛକଠାରୁ ଓରାଳିବିନ୍ଧା ପର୍ଯ୍ୟନ୍ତ ଥିବା ରାସ୍ତା ପାଣିକାଦୁଅ ଭରା। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ତିଆଡ଼ିସାହି ଛକଠାରୁ ବଙ୍ଗାଳୀପଲ୍ଲୀ ପର୍ଯ୍ୟନ୍ତ ୧ କି.ମି. ପିଚୁ କରି ଦିଆଯାଇଛି। କିନ୍ତୁ ଅବଶିଷ୍ଟ ୨ କି.ମି. ରାସ୍ତା କରା ନ ଯିବାରୁ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ। ସୂଚନାଥାଉ କି, ଚଳିତବର୍ଷ ଜୁନ୍ ୨୭ରେ ଶତାଧିକ ଗ୍ରାମବାସୀ ରାସ୍ତା ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନ, ତିହିଡ଼ି ଥାନା ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଚଳିତମାସ ପ୍ରଥମ ସପ୍ତାହରେ ଜଣେ ଗର୍ଭବତୀଙ୍କୁ ଭାରରେ ବୋହି ତିହିଡ଼ିକୁ ଅଣାଯାଇଥିଲା। ସେହିଭଳି ଗତ ୮ ତାରିଖରେ ସନ୍ତୋଷ ବଳଙ୍କର ୧୫ ବର୍ଷର ଦିବ୍ୟାଙ୍ଗ ପୁଅଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ତାଙ୍କୁ କାନ୍ଧେଇ ତିହିଡ଼ି ଓ ପରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ଅଣାଯାଇଥିଲା। ଏହାଛଡ଼ା ହଜାର ହଜାର ଲୋକ ଦୈନିକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦୁଇ ଗାଁର ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ପାଇଁ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ତିଆଡ଼ିସାହି-ଓରାଳିବିନ୍ଧା ରାସ୍ତା।

- ରାସ୍ତା ସମସ୍ୟାରୁ ବୁହା ହେଉଛନ୍ତି ରୋଗୀ
- ସାମାନ୍ୟ ବର୍ଷାରେ ଅବସ୍ଥା ବେହାଲ
- ହଇରାଣ ହେଉଛନ୍ତି ୨ ଗ୍ରାମବାସୀ

## ■ ମିଳିଛି ରାଜସ୍ୱ ଗ୍ରାମ ମାନ୍ୟତା

# ହୋଇପାରୁନି ରେକର୍ଡ ସଂଶୋଧନ

**ତିହିଡ଼ି, ୧୧।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ୭ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଏହିସବୁ ଗ୍ରାମକୁ ମାନ୍ୟତା ମିଳିଥିଲେ ମଧ୍ୟ କୌଣସି ସୁବିଧା ସୁଯୋଗ ମିଳିପାରୁ ନାହିଁ। ରାଜସ୍ୱ ଗ୍ରାମ ମାନ୍ୟତା ନେଇ ମିଳିଥିବା ଚିଠି ଫାଇଲରେ ରହିଯାଇଥିବା ବେଳେ ରେକର୍ଡ ସଂଶୋଧନ ହୋଇ କାଗଜପତ୍ର ଠିକ୍ ହୋଇପାରି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ବିଭିନ୍ନ ସମୟରେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କର୍ମଚାରୀ ଅଭାବରୁ କାଗଜପତ୍ର ପ୍ରସ୍ତୁତ ହୋଇପାରୁ ନ ଥିବା କଥା କହି ଏହାକୁ ଟାଳି ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ୨୦୧୬ରେ ବାରସର ପଞ୍ଚାୟତର ସାପକାଟିଆ ଓ ମୁରୁଗିଗଡ଼, ସିନ୍ଦୋଳ ପଞ୍ଚାୟତର ନୂଆସାହି, ବାମନବିନ୍ଧା ପଞ୍ଚାୟତର ନଳତେଇ, ୨୦୧୮ରେ ବୋଡ଼କ ପଞ୍ଚାୟତର ବଡ଼େଇଗଡ଼ିଆ ଓ ପଞ୍ଚୁରିଖି ଏବଂ ୨୦୧୯ରେ କୁବେରା ପଞ୍ଚାୟତର ଇଟାଗଡ଼ି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲା। ରାଜସ୍ୱ ପରିଷଦ ଓଡ଼ିଶା, କଟକ ଦ୍ୱାରା ଅନୁମୋଦନପ୍ରାପ୍ତ ହୋଇ ଏହିସବୁ ପଡ଼ାଗ୍ରାମ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିଲା। ତେବେ ଏହିସବୁ ଗ୍ରାମ କୌଣସି ସୁବିଧା ସୁଯୋଗ ପାଇପାରୁ ନାହିଁ। ଗ୍ରାମକୁ ସ୍ୱତନ୍ତ୍ର ଖତିଆନ ମଧ୍ୟ ମିଳିପାରି ନାହିଁ। କାଗଜପତ୍ରରେ ରାଜସ୍ୱ ଗ୍ରାମ ହେବା ପରେ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହୋଇପାରନ୍ତା। ଅଙ୍ଗନୱାଡି କେନ୍ଦ୍ର ହେବା ସହ ଗାଁ କଲ୍ୟାଣ ସମିତି ଗଠନ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଗ୍ରାମକୁ ଅନୁଦାନ ମଧ୍ୟ ମିଳିପାରନ୍ତା। କିନ୍ତୁ ସେହିସବୁ ଗ୍ରାମର ଲୋକେ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଥିବାରୁ ଗ୍ରାମକୁ କାହିଁକି ମାନ୍ୟତା ମିଳିଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ତହସିଲଦାର ଅନିତା ନାୟକ କର୍ମଚାରୀ ଅଭାବରୁ ରାଜସ୍ୱ ଗ୍ରାମର କାଗଜପତ୍ର ପ୍ରସ୍ତୁତ କରିବା ସମ୍ଭବ ହେଉ ନ ଥିବା କହିଛନ୍ତି।

# ୧୦୦ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି

**ବନ୍ତ, ୧୧।୧୦ (ଡି.ଏନ.ଏ.)**

ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି, ଓଡ଼ିଆ ଭାଷା ବୃତ୍ତି ଓ ବେଷ୍ଟ ସ୍କୁଲ ପୁରସ୍କାର ପ୍ରଦାନ କରିଛନ୍ତି। ସେହି ଅନୁସାରେ ଭଦ୍ରକ ଜିଲା ବନ୍ତ ବ୍ଲକରୁ ୧୦୦ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଛନ୍ତି। ବ୍ଲକର ଟିଲୋ ନୋଡାଲ, ନିଳୋକ ହାଇସ୍କୁଲ ଓ ଆଗରପଡା ସରକାରୀ ବାଳିକା ହାଇସ୍କୁଲ ବେଷ୍ଟ ସ୍କୁଲ ପୁରସ୍କାର ପାଇଛନ୍ତି। ଶିଆଳିଆ ନୋଡାଲ ହାଇସ୍କୁଲର ବିଭୁକଲ୍ୟାଣ ସାହୁ, ଶାଶ୍ୱତି ରଥ, ସାହେବ ସତ୍ୟପ୍ରକାଶ ସା ଓ ଅନନ୍ୟା ଦେବସ୍ମିତା ସାହୁଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ପୁରସ୍କାର ମିଳିଛି। ସେହିପରି ଶିଆଳିଆ ନୋଡାଲ ହାଇସ୍କୁଲର ୭, ତରାଗୋର ୧, ଖଗେଶ୍ୱରର ୧, ସତୀସାବିତ୍ରୀ ହାଇସ୍କୁଲର ଜଣେ ପିଲା ଓଡ଼ିଆ ଭାଷାବୃତ୍ତି ପୁରସ୍କାର ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିଆଳିଆ ନୋଡାଲ ହାଇସ୍କୁଲର ୩୧, ଆଶାମଣି ଉଚ୍ଚ ବିଦ୍ୟାପୀଠର ୬, କେସିଭିଏମ୍‌ର ୬, ନିଳୋକର ୬, ଖଗେଶ୍ୱର ହାଇସ୍କୁଲର ୪, ଆରଡେଶ୍ୱର ହାଇସ୍କୁଲର ୪, ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠର ୪, କେନ୍ଦୁଆପଦା ହାଇସ୍କୁଲର ୪, ସିନ୍ଧୁକେଶ୍ୱର ନୋଡାଲ ହାଇସ୍କୁଲର ୩, ବାଲୁଙ୍କେଶ୍ୱରର ୩, ତରାଗୋର ୩, ସତୀସାବିତ୍ରୀ ହାଇସ୍କୁଲର ୨, ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ୨, କାଦବରାଙ୍ଗର ୨, ପଧାନପଡା ପଞ୍ଚାୟତ ହାଇସ୍କୁଲର ୨ ଏବଂ କୃପାସିନ୍ଧୁ ହାଇସ୍କୁଲ, ବଳଭଦ୍ରପୁର ବାଳିକା ହାଇସ୍କୁଲ, ଅଗଣି ଚରଣ, ଆନନ୍ଦରାମ ପାଟୋଡିଆ, ବିପି, ବାଙ୍କତୀରା, ଜାଗୁଳାଇ, କାଦବରାଙ୍ଗ ବାଳିକା, ନେହେରୁ ଉଚ୍ଚ ବିଦ୍ୟାପୀଠ, ବସନ୍ତିଆ ପଞ୍ଚାୟତ ହାଇସ୍କୁଲ, ପିତାମ୍ବରୀ ହାଏ ବିଦ୍ୟାଗିରି, ପିଏସ୍ ନୋଡାଲ, ସଙ୍କଟ ତାରିଣୀ ନୋଡାଲ, ଟିଲୋ ନୋଡାଲ ହାଇସ୍କୁଲରୁ ଜଣେ ଲେଖାଏ ଅଛନ୍ତି।

# କାଳିଶି ଶୋଭାଯାତ୍ରା

**ଧାମନଗର, ୧୧।୧୦(ଡି.ଏନ.ଏ.)**

ଧାମନଗର ଶ୍ୟାମପୁରରେ ବହୁ ପୁରାତନ କାଳିଶୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କାଳିଶି ଭୋର ସମୟରେ ଜାମତଳା ଗଣ୍ଡରେ ସ୍ନାନ ପରେ ଶ୍ୟାମପୁରର ମନ୍ତ୍ରବାସିନୀ ପୀଠରେ ପ୍ରବେଶ କରି ସେଠାରେ କାଳିଶି ରୂପ ଧାରଣ କରିଥିଲେ। ପୀଠରେ ଝୁଣା ଧୂଆଁ ଖାଇ ସାରିବା ପରେ କାଳିଶିଙ୍କ ଦେହରେ ମା' ପ୍ରବେଶ କରିଥିଲେ। ଏହାପରେ ହଜାର ହଜାର ଭକ୍ତଙ୍କୁ ଦର୍ଶନ ଦେବା ସହିତ ବିଶାଳ ପଟୁଆରରେ କାଳିଶୀ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ବାଜା ରୋଷଣୀ, ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରି ମଠ ବାଡ଼ିରେ ମାଗୁର ମାଛ ବଳି ଦିଆଯାଇଥିଲା। ଏହାପରେ ମନ୍ତେଇବାଟି ଗ୍ରାମର ମନ୍ତ୍ରବାସୁଳୀଙ୍କ ପୀଠରେ କାଳିଶି ପୂଜା ପାଠ ହୋଇଥିଲା। ସେଠାରୁ କାଳିଶୀ ରାସ୍ତାରେ ଦକ୍ଷିଣବାଡ଼ସ୍ଥିତ ବଳି ଗଡ଼ିଆ ନିକଟରେ ପହଞ୍ଚିଥିଲେ। ଉକ୍ତ ଗଡ଼ିଆରେ ସ୍ନାନ ପରେ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ମହକ'



ଉଦ୍‌ଘାଟନୀ ଉତ୍ସବରେ ଅତିଥି।

**ଭଣ୍ଡାରିପୋଖରୀ, ୧୧।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀସ୍ଥିତ ଶାରଦା ବିଦ୍ୟାମନ୍ଦିର ଠାରେ ଶୁକ୍ରବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ମହକ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବେସରକାରୀ ବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ବ୍ଲକରେ ଥିବା ସମସ୍ତ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁପ୍ତ ଶିଶୁ ପ୍ରତିଭା ଅନ୍ୱେଷଣ ଓ ବିକାଶ ମହୋତ୍ସବର ଲକ୍ଷ୍ୟ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପବନ ନାୟକ ଅତିଥି ପରିଚୟ ଓ ବିଶ୍ୱମ୍ଭର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସମିତିସଭ୍ୟା ସବିତା ମହାପାତ୍ର, ଏବିଇଓ ପୁରୁଷୋତ୍ତମ ଧଳ ଓ କବି ସୁରେନ୍ଦ୍ରନାଥ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାର ବିକାଶ ପାଇଁ ଏହା ଏକ ବଳିଷ୍ଠ ମାଧମ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ନାଟ୍ୟକାର ସୁଧାକର ନନ୍ଦ, ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, ଜିଲା ବେସରକାରୀ ସ୍କୁଲ ସଂଘ ସଭାପତି ଅଶୋକ ମହାନ୍ତି, ଜିଲା ସଂଯୋଜକ ଦିଲୀପ ମହାନ୍ତି, ବ୍ଲକ ସମ୍ପାଦକ ବିଶ୍ୱମ୍ଭର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ତପନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ■ ଦଳିତଙ୍କ ଉପରେ ଅତ୍ୟାଚାର

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ



ଧାମରା ମେରାଇନ ଥାନା ଆଗରେ ଧାରଣା ଦେଇଥିବା ଲୋକେ।

**ଚାନ୍ଦବାଲି, ୧୧।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ମେରାଇନ ଥାନା ଅନ୍ତର୍ଗତ ଜାଗୁଳା ପଞ୍ଚାୟତ ଜାଗୁଳା ଗ୍ରାମର ଜଣେ ପ୍ରଭାବଶାଳୀ ନେତା କେତେକ ଦଳିତଙ୍କ ଉପରେ ଅତ୍ୟାଚାର କରିଥିବା ନେଇ ଅଭିଯୋଗ ହୋଇଛି। ସେ ଜଣେ ଦଳିତ ଯୁବକଙ୍କୁ ମାଡ଼ ମାରୁଥିବାର ଭିଡିଓ ଗତବର୍ଷ ଭାଇରାଲ ହୋଇଥିଲା। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ଭିନ୍ନ ଭିନ୍ନ ସମୟରେ ଦଳିତଙ୍କୁ ମାରଧର କରିବା ନେଇ ଧାମରା ମେରାଇନ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଏହା ସତ୍ତ୍ୱେ ପୋଲିସ ସମ୍ପୃକ୍ତ ନେତାଙ୍କୁ ଗିରଫ କରୁ ନାହିଁ ବୋଲି ଅଭିଯୋଗ କରାଯାଇଛି। ତୁରନ୍ତ ତାଙ୍କୁ ଗିରଫ ଦାବିରେ ଜାତୀୟ ଦଳିତ ସଂଘର ଭଦ୍ରକ ଜିଲା ଶାଖା ସଭାପତି ଅଞ୍ଜନ ଦାସଙ୍କ ନେତୃତ୍ୱରେ କେତେକ ଦଳିତ ଶୁକ୍ରବାର ମଧ୍ୟାହ୍ନରେ ଧାମରା ମେରାଇନ ଥାନା ଆଗରେ ଧାରଣା ଦେବା ସହ ଘେରାଉ କରିଥିଲେ। ଏ ସମ୍ପର୍କରେ ସେମାନେ ପୂର୍ବରୁ ଜିଲା ଏସ୍‌ପି ଓ ଅନ୍ୟମାନଙ୍କୁ ଅବଗତ କରାଇଥିବା କୁହାଯାଇଛି। ଏସ୍‌ଡିପିଓ ଉମାଶଙ୍କର ମହାରଣା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୫ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସଂଘର ରାଜ୍ୟ ସଭାପତି ମିଳନ ଦାସଙ୍କ ସମେତ ହାକିମ୍ ଦାସ, ବାମଦେବ ମହାଳିକ, ସୁବାସ ଦାସ, ମଞ୍ଜୁଲତା ଦାସ, ମୀନାରାଣୀ ଦାସ, ରଶ୍ମିତା ଦାସ, ବିଜୟ ମହାଳିକ ଓ କେଶବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତ ଅଗ୍ରିମ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି।

# ସମାଜକୁ ଦିଗ୍‌ଦର୍ଶନ ଦେବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭଦ୍ରକ ଅଫିସ, ୧୧।୧୦**

ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ୪୮ତମ ବିଜୟା ମିଳନ ଉତ୍ସବ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ମିଶ୍ର ଯୋଗଦେଇ ସମାଜରୁ ଅଶାନ୍ତି, ପରଶ୍ରୀକାତରତା ଦୂରୀକରଣରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେବାରେ ସାହିତ୍ୟିକ ଭୀରୁତା ପ୍ରଦର୍ଶନ କରିବା ଉଚିତ ନୁହେଁ ବୋଲି ମୁଖ୍ୟବକ୍ତା ଭାବେ ପ୍ରବଚକ ବୀରେନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଡ. ଆଦିକନ୍ଦ ସାହୁ ଓ ସାହିତ୍ୟିକ ମନୋଜ ମହାପାତ୍ର ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଅପୂର୍ବ ରଞ୍ଜନ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଚଳିତବର୍ଷ ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ ବିଜୟା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଗାଳ୍ପିକା ରେଣୁବାଳା ନାୟକଙ୍କୁ ବିନୋଦ ବିହାରୀ କଥା ସମ୍ମାନ, ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କୁ ନିଶାମଣି କବିତା ଏବଂ ଚିତ୍ରଶିଳ୍ପୀ ରତିକାନ୍ତ ଦାଶଙ୍କୁ ସରୋଜ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱାଗତିକା ଦାଶ ମଞ୍ଚ ଆମନ୍ତ୍ରଣ, ରୋଟାରିଆନ ଅତିଶ୍ ବେହେରା ପ୍ରାକ୍ ସୂଚନା ଓ ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ପୂଜ୍ୟପୂଜା ସଂସଦର ଶାରଦୀୟ ବିଶେଷାଙ୍କ କଥାକାହାଣୀ ସହିତ କରୁଣାକର ବେହୁରିଆଙ୍କ ପ୍ରବନ୍ଧ ପ୍ରୀୟୁଷ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପ୍ରେମ କରି ତାଜମହଲ ଗଢ଼ି ନ ଥିବା ଲୋକ ଉନ୍ମୋଚିତ ହୋଇଥିଲା। ଶିକ୍ଷକ କାର୍ତ୍ତିକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ୨ୟ ଅଧିବେଶନରେ ଅନୁଷ୍ଠିତ କବିତା ପର୍ବରେ ସ୍ମୃତି ଶାନ୍ତନାର ସମ୍ପାଦିକା ସବିତାରାଣୀ ବେହେରା ସଭାପତିତ୍ୱ କରିଥିଲେ। ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ମୁଖ୍ୟଅତିଥି ଏବଂ ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ଜ୍ୟୋସ୍ନା ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ କବିତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। କବି ମୁସ୍ତାକ୍ ଗହ୍ୱର ଓ କବୟିତ୍ରୀ ବସନ୍ତ ମିଶ୍ର ପଠିତ ଉର୍ଦ୍ଦୁ, ଓଡ଼ିଆ କବିତାର ସଂଯୋଜନା କରିଥିଲେ। ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗାଁ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଲେ

**ଭଣ୍ଡାରିପୋଖରୀ, ୧୧।୧୦(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ପଞ୍ଚାୟତର ଗାଁ ଗାଁ ବୁଲି ଲୋକଙ୍କୁ ଭେଟି ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପଦଯାତ୍ରା ପଦିନାରାୟଣପୁର, ସରଦପୁର, ଭଗିବିନ୍ଧା, ସରିପୁର ଓ କରଞ୍ଜି ଗୁଣ୍ଡୁପୁର ଗ୍ରାମ ପରିକ୍ରମା କରିଥିଲା। କରଞ୍ଜି ଖେଳପଡ଼ିଆଠାରେ ନାଟ୍ୟକାର ଅରୁଣ କୁମାର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରଘୁନାଥ ପଣ୍ଡା, ମଦନ ପଣ୍ଡା, ହରେକୃଷ୍ଣ ବାରିକ, ସୁଶାନ୍ତ ରାଉତ, ଭାସ୍କର ବେହେରା, ସୁନନ୍ଦ ସେଠୀ, ଭାସ୍କର ମୁଦୁଲି, ବିଜୟ ରାଉତ, ଅମୂଲ୍ୟ ନାୟକ, ସୌମ୍ୟ ମହାପାତ୍ର ପ୍ରମୁଖ ଦଳକୁ ଆଗକୁ ନେବା ପାଇଁ ବିଭିନ୍ନ ଗଠନମୂଳକ ମତାମତ ରଖିଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡ଼ି ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।




ଜଳମଣ୍ଡୁଆରେ ଜନସମ୍ପର୍କ ପଦଯାତ୍ରା।

# ଭଙ୍ଗାଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

**ତେଲକୋଇ,୧୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ଭୀମକାଣ୍ଡ ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ର ଏକ ଭଙ୍ଗା ଘରେ ଚାଲିଛି। ଏହାର ସ୍ଥାୟୀ ଗୃହ ନ ଥିବାରୁ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ଗୃହଟି ଯୋଗାଇ ଦିଆଯାଇଛି। ଯେଉଁ ଗୃହର କେନ୍ଦ୍ର ଚାଲୁଛି, ମରାମତି ଅଭାବରୁ ତାହାର ଟାଇଲ ଭାଙ୍ଗିଯାଇଛି। ସମାନ୍ୟ ବର୍ଷା ହେଲେ ଗୃହରେ ପାଣି ଭର୍ତ୍ତି ହୋଇଯାଉଛି। ଏନେଇ ଅଭିଭାବକ ମାନେ ସ୍ଥାନୀୟ ଶିଶୁ କଲ୍ୟାଣ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ବିଫଳ ହୋଇଥିବା କହିଛନ୍ତି। ଏସମ୍ପର୍କରେ ଶିଶୁ କଲ୍ୟାଣ ବିଭାଗର ଅଧିକାରୀ ସୁପ୍ରଭା ମିଶ୍ରଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଘର ଲାଗି ଯୋଜନା କରାଯାଇଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।



ସ୍କୁଲ ପରିସରରେ ଅଙ୍ଗନୱାଡି କେନ୍ଦ୍ର।

# ବିଳମ୍ବିତ ବର୍ଷା, ବଢ଼ାଇଛି ଦୁର୍ଦ୍ଦଶା

## ସହାୟତା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବାଲେଶ୍ୱର ଅଫିସ, ୧୧।୧୦**

ଚଳିତବର୍ଷ ବିଳମ୍ବିତ ବର୍ଷା ଯୋଗୁ ଖରିଫ ଚାଷରେ ବ୍ୟାପକ କ୍ଷତି ହୋଇଛି। କୃଷି ଋଣ ଶୁଝି ନ ପାରି ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ଲାଗି ଅଖିଳ ଭାରତ କୃଷକ ସଭାର ବାଲେଶ୍ୱର ଜିଲା ପରିଷଦ ପକ୍ଷରୁ ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଖିଳ ଭାରତ କୃଷକ ଜିଲା ସଭାପତି କୈଳାସ ପଣ୍ଡା, ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକ, ବରିଷ୍ଠ ସଦସ୍ୟ ଭାଗବତ ପତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ମାୟାଧର ନାୟକ ଓ ଜିତେନ୍ ପାତ୍ର ପ୍ରମୁଖ ଜିଲାପାଳ ଓ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ପରିଡ଼ାଙ୍କ ସହ ଆଲୋଚନା କରିଛନ୍ତି।

ବାଲେଶ୍ୱର ଜିଲାରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ଭରସାରେ ଚାଷ କରାଯାଇଥାଏ। କେବେ ବିଳମ୍ବିତ ବର୍ଷା ତ କେବେ ବନ୍ୟା ପାଇଁ ଚାଷୀମାନେ ବିଭିନ୍ନ ଫସଲ କ୍ଷତିଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ୨୦୧୨ରେ ସରକାରୀ ଭାବେ ମରୁଡ଼ି ଘୋଷଣା, ୨୦୧୩ରେ ଫାଇଲିନ୍ ଦ୍ୱାରା କ୍ଷତି, ୨୦୧୪ରେ ହୁଡ୍‌ହୁଡ୍‌ରେ ଚାଷ ନଷ୍ଟ, ୨୦୧୫ରେ ମରୁଡ଼ି ଘୋଷଣା, ୨୦୧୮ରେ ଗୁଣ୍ଡି ପୋକ ଯୋଗୁ ଚାଷ ନଷ୍ଟ ହୋଇଥିବା ବେଳେ ଚଳିତବର୍ଷ ବିଳମ୍ବିତ ବର୍ଷା ଚାଷୀଙ୍କୁ ସମସ୍ୟାରେ ପକାଇଛି। କୃଷି ଉପରେ ନିର୍ଭର କରି ଚଳୁଥିବା ଜିଲାର ୭୦ଭାଗ ଚାଷୀ ଏବେ ସମ୍ପୂର୍ଣ୍ଣ ବେକାର। ଏହାର ସମାଧାନ ଲାଗି ପରିଷଦ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ରରେ ବାହାନଗା, ନୀଳଗିରି, ରେମୁଣା, ସଦର, ବସ୍ତା, ଜଳେଶ୍ୱର, ଭୋଗରାଇ ଓ ସୋରତହସିଲର ବହୁ ପଞ୍ଚାୟତର ୭୦ରୁ ୮୦ ଭାଗ ଜମି ପଡ଼ିଆ ପଡ଼ିଥିବାରୁ ଜିଲାକୁ ମରୁଡ଼ି ଘୋଷଣା କରିବା, ନୂତନ ନିୟମ ଅନୁଯାୟୀ କୃଷି ବୀମାରେ ଗୋଟିଏ ପଞ୍ଚାୟତକୁ ନେଇ ଗୋଟିଏ ୟୁନିଟ୍ ଗଠନ, ରାଜ୍ୟ ସରକାରଙ୍କର ଚାଷ କ୍ଷତି ପାଇଁ ଥିବା ନିୟମ ଇମ୍ପୋର୍ଟ ସବ୍‌ସିଡ଼ି ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ୧୦ବର୍ଷ ଧରି ଲଗାତାର କ୍ଷତିଗ୍ରସ୍ତ ଅଞ୍ଚଳ ଓ ପଞ୍ଚାୟତକୁ ଚିହ୍ନଟ କରି ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼ କରିବା ଆଦି ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ପରିଡ଼ା କହିଛନ୍ତି, ଆବେଦନପତ୍ର ପାଇଲା ପରେ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷର ପରିସ୍ଥିତି ନିରୀକ୍ଷଣ କରାଯିବ। ଆଇନ୍‌ଗତ ସହାୟତା ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶମୂଳେ ଯୋଗାଇ ଦିଆଯିବ।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅଖିଳ ଭାରତ କୃଷକ ସଭାର ଜିଲା ପରିଷଦର କର୍ମକର୍ତ୍ତା।


ସାଂସ୍କୃତିକ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି।

## ସାଂସ୍କୃତିକ ସନ୍ଧ୍ୟା, ସମ୍ବର୍ଦ୍ଧନା ସମାରୋହ

**ଖଇରା,୧୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡ଼ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଗତ ୮ ତାରିଖରେ ସାଂସ୍କୃତିକ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଭାଗିରଥି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିତେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା, ମହେଶ୍ୱର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।

ଚଳିତବର୍ଷ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟୁଜିକ କ୍ରିଏଟର ଗ୍ରୁପ ପକ୍ଷରୁ ମ୍ୟୁଜିକାଲ ନାଇଟ୍ ଓ ଓଡ଼ିଶା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ପାଦକ ମାନସ ରଞ୍ଜନ ରାଉଳ ବିବରଣୀ ପାଠ କରିଥିଲେ। ଗୋବର୍ଦ୍ଧନ ମହାରଣା, ଜୀବନଜ୍ୟୋତି ଦାସ, ସତ୍ୟସୁନ୍ଦର ରାଉଳ, ଆଦର୍ଶ ନାୟକ, ଦିନେଶ ନାୟକ, ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ସଚେତନ କରାଯାଉଛି।

## ବିଶ୍ୱ ଅଣ୍ଡା ଦିବସ ପାଳିତ

**ବାଲେଶ୍ୱର ଅଫିସ,୧୧।୧୦**

ବାଲେଶ୍ୱର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିତ୍ୟାନନ୍ଦ ଦାସ ପୌରୋହିତ୍ୟ କରି ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ଅଣ୍ଡା ଖାଦ୍ୟ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଣ୍ଡାରେ ଯେଉଁ ପୁଷ୍ଟିସାର, ସ୍ନେହସାର ଓ ଖଣିଜ ଲବଣ ମିଳିଥାଏ ତାହା ସମଗ୍ର ମାନବ ସମାଜକୁ ସୁସ୍ଥ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଉପସ୍ଥିତ ଲୋକଙ୍କୁ ସେ ସଚେତନ କରିଥିଲେ। ଏଥିରେ ଜିଲାର କୁକୁଡ଼ା ଚାଷୀ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

ସଦର ମହକୁମା ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ ଡା. ଶିଶିର ଲେଙ୍କା ଅତିଥି ପରିଚୟ ପ୍ରଦାନ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ରେମୁଣା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅଜିତ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅଣ୍ଡା ଦିବସ ପାଳନର ପ୍ରାସଙ୍ଗିକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ସୂର୍ଯ୍ୟକାନ୍ତ ମଲିକ, ବିଦ୍ୟାଧର ନାୟକ ପରିଚାଳନା କରୁଥିବା ବେଳେ ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ପରିଦର୍ଶକ ବିଜୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।


ବନାନୀ ବନ୍ଧୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ବନାନୀ ବନ୍ଧୁ କାର୍ଯ୍ୟକ୍ରମ

**ହାଟଡିହୀ,୧୧।୧୦(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଜୋଳ ବିକାଶ ମଞ୍ଚର ଆବାହକ ଚନ୍ଦନ ପଣ୍ଡାଙ୍କ ସଂଯୋଜନାରେ ବନାନୀ ବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସମ୍ମାନନୀୟ ଅତିଥି ଭାବେ ଅଶୋକ ପୁହାଣ, ଶ୍ରୀକାନ୍ତ ପଟ୍ଟନାୟକ, ନରେନ୍ଦ୍ର ବେହେରା, ସରପଞ୍ଚ ପାର୍ବତୀ ନାଇକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହିଅବସରରେ ଗ୍ରୀନ କମାଣ୍ଡାଣ୍ଟ ଭାବେ ଦେଢଶହରୁ ଉର୍ଦ୍ଧ ଯୁବକ ଶପଥ ନେଇଥିଲେ। ଏଚଡିଏଫସି ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅଭିମନ୍ୟୁ ନାୟକ। ଶେଷରେ ବିଶ୍ୱ ବିଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଉମାକାନ୍ତ ପଣ୍ଡା, ଶଶିକାନ୍ତ ପଣ୍ଡା, ଶଙ୍କର ପରିଡା, ରାଜୀବ ନାୟକ, ରଞ୍ଜନ ପଣ୍ଡା, ସଞ୍ଜୀବ ପଣ୍ଡା, ଶୁଭମ ମହାପାତ୍ର, ଦେବଦର୍ଶୀ ମହାପାତ୍ର, ବଳରାମ ପାତ୍ର, ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଦଶହରା ଉତ୍ସବ ପାଳିତ

**ସୋର, ୧୦।୧୦(ଡି.ଏନ୍.ଏ.):** ସୋର ଜାତୀୟ ରାଜପଥ ଥାନାଛକ ବଡଖୁରୀ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ କମିଟିର ସଭାପତି ଶିଶିର କୁମାର ଦାସଙ୍କ ପୌରୋହିତ୍ୟରେ ଦଶହରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମ ପୁରସ୍କାର ବାବଦରେ ଏକ ସ୍କୁଟି, ଦ୍ୱିତୀୟ ପୁରସ୍କାର ଏଲ୍ଇଡି, ତୃତୀୟ ପୁରସ୍କାର ଫ୍ରିଜ୍, ଚତୁର୍ଥ ପୁରସ୍କାର ୱାସିଙ୍ଗ ମେଶିନ୍ ଓ ପଞ୍ଚମ ପୁରସ୍କାର ବାବଦରେ ଏକ ମୋବାଇଲ ପ୍ରଦାନ କରାଯାଇଥିଲା। ଏହି ଅବସରରେ କମିଟି ସମ୍ପାଦକ ଶ୍ରୀପତି ଜେନା, କୋଷାଧ୍ୟକ୍ଷ ଭାଗୀରଥି ଓଝା, ଉପସଭାପତି ସୁଧାଂଶୁ ଶେଖର ସାମଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଂଶୁମାନ ଚିରଞ୍ଜୀବ୍, ପ୍ରଫୁଲ୍ଲ ପାତ୍ର, ବିଶ୍ୱରଞ୍ଜନ ଦାସ, ବ୍ରଜନାରାୟଣ ଦାସ, ସୌରଭ ଜେନା, ଚୈତନ୍ୟ ଲେଙ୍କା, ଶମ୍ଭୁନାଥ ପାତ୍ର, ଓ ନୀହାର ପତି ପ୍ରମୁଖ ସହାୟତା କରିଥିଲେ।

## ୩୬ ଗ୍ରାମ୍ ବ୍ରାଉନସୁଗାର, ୯୩ ହଜାର ଜବତ

**ଖୋର୍ଦ୍ଧା ଅଫିସ, ୧୧।୧୦**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ଖୋର୍ଦ୍ଧା ସହରର ପୃଥକ୍ ପୃଥକ୍ ସ୍ଥାନରେ ଚଢ଼ାଉ କରି ୩୬.୦୭ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଯାହାର ଦାମ ପ୍ରାୟ ୩ ଲକ୍ଷ ୬୭ ହଜାର ଟଙ୍କା ହେବ। ପୋଲିସ ୨ ଜଣଙ୍କୁ ଓ ଅବକାରୀ ବିଭାଗ ଜଣକୁ ଏପରି ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସିଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ସହରରର ଶାଗୁଆନ ବଗିଚା ଉପରେ ଚଢ଼ାଉ କରାଯାଇ ଅନୁଗୋଳ ଜିଲା ଘଣ୍ଟପଡା ଥାନା କୋଲିଆରି ଗାଁର ଅପିନ ଦାସ(୨୭) ଓ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ବାରଙ୍ଗ ଗାଁର ବସନ୍ତ ଜେନା(୨୬)ଙ୍କୁ ଗିରଫ କରାଯାଇଛି। ଏହି ଦୁହିଁଙ୍କଠାରୁ ୨୦.୦୭ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଯାହାର

**୩ ଅଭିଯୁକ୍ତ ଜେଲ ଗଲେ**

ଦାମ ୨ ଲକ୍ଷ ୭ ହଜାର ଟଙ୍କା ହେବ। ଏମାନଙ୍କଠାରୁ କାର ନଂ. ଓଡ଼ି୧୯ ପି ୨୨୩୩ ଓ ଏକ ଦାମୀ ମୋବାଇଲ ଜବତ ହୋଇଛି। ଅପିନ ଓ ବସନ୍ତଙ୍କ ସୂଚନାକ୍ରମେ ପୋଲିସ ସୋମନାଥ ଭୁଜବଳ ଓରଫ ପାକୁଙ୍କ ଘର ଉପରେ ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ସହ ବିକ୍ରି ବାବଦ ଟଙ୍କା ୯୩, ୮୭୦ ଜବତ କରିଛି। ହେଲେ ପାକୁ ଘରେ ନ ଥିବାରୁ ତାଙ୍କୁ ଗିରଫ କରାଯାଇ ପାରିନାହିଁ। ଅନ୍ୟପକ୍ଷେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ଉପରେ ଚଢ଼ାଉ କରାଯାଇ କଟକ ଜିଲା କିଶନନଗର ଥାନା କୋଟୁଆଁ ଗାଁର ଜ୍ଞାନ ରଞ୍ଜନ ଖୁଣ୍ଟିଆ (୪୫)ଙ୍କୁ ଗିରଫ କରାଯାଇଛି। ଜ୍ଞାନଙ୍କଠାରୁ ୧୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଯାହାର ଦାମ ୧ ଲକ୍ଷ ୬୦ ହଜାର ହେବ ବୋଲି ଅବକାରୀ ଇନ୍ସପେକ୍ଟର ସୂଚନା ଦେଇଛନ୍ତି।

## ସୁବର୍ଣ୍ଣରେଖା କଲେଜରେ ବୃକ୍ଷରୋପଣ

**ବାଲିଆପାଳ, ୧୧।୧୦(ଡି.ଏନ.ଏ.):** ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହିତ ଗାନ୍ଧୀଜୀ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣକୁ ଅଧିକ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ଏହି ଅବସରରେ ପ୍ରତ୍ୟେକ ଛାତ୍ରଛାତ୍ରୀ ତଥା ଜନସାଧାରଣ ଅତି କମରେ ଗୋଟିଏ ଗଛ ଲଗାଇବା ପାଇଁ ଅଧ୍ୟକ୍ଷ ଡ. ଦାସ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଯୁବରେଡକ୍ରସର ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର ୫୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଛାତ୍ର ଅଭିଷେକ ପାତ୍ର, ଆଲୋକ ମହାପାତ୍ର, ଗୋପାଳ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ବିଭାଗର ଚଢ଼ାଉକୁ ବିରୋଧ

**ରୂପ୍‌ସା, ୧୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଜାମୁନିଆ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ୍ ବିଭାଗର ଚଢ଼ାଉ ଆଶଙ୍କା କରି ଗ୍ରାମବାସୀଙ୍କ ବିରୋଧ ଘଟଣା ଥାନାରେ ପହଞ୍ଚିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୭୬/୧୯) ରୁଜୁ କରିଛି।

ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଡିଏନ୍ ବେହେରା, ରୂପ୍‌ସା ବିଦ୍ୟୁତ୍ ସେକ୍ସନ ଜେଇ କେକେ ଜେନା, ଆସିଷ୍ଟାଣ୍ଟ ଭିଜିଲାନ୍ସ ଅଫିସର ଓ ବିଭାଗୀୟ କର୍ମଚାରୀ ଗତ ୯ତାରିଖରେ ଜାମୁଳିଆ ଗ୍ରାମକୁ ଯାଇଥିଲେ। ସେମାନେ ଜଣେ ଉପଭୋକ୍ତାଙ୍କୁ ୨ଟି ମିଟରରେ ଦିଆଯାଇଥିବା ପୃଥକ

**ଥାନାରେ ମାମଲା**

ବିଦ୍ୟୁତ୍ ସଂଯୋଗର ସଂଶୋଧନ ପାଇଁ ପୂର୍ବ ଅଭିଯୋଗ ମୁତାବକ ପଚାରି ବୁଝିଥିଲେ। ସମସ୍ତ ଉପଭୋକ୍ତାଙ୍କ ଘରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବେଆଇନ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ଚଢ଼ାଉ କରାଯିବ ଆଶଙ୍କା କରି କେତେକ ଗ୍ରାମବାସୀ ହୋହଲ୍ଲା କରିଥିଲେ। ବିଦ୍ୟୁତ୍ ଅଧିକାରୀଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ସହ ସରକାରୀ କାର୍ଯ୍ୟରେ ବାଧା ଦେବା ନେଇ ଜେଇ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ସୁଚନ୍ଦ୍ର ମହାଲିକ ଓ ଏଏସ୍‌ଆଇ ହେମନ୍ତ କୁମାର ଦେବ ଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

## ■ ଷ୍ଟେଶନରୁ ପିଲା ଚୋରି ଘଟଣା

# ଉଦ୍ଧାର ଶିଶୁ ମା'ଙ୍କୁ ହସ୍ତାନ୍ତର

**ବାଲେଶ୍ୱର ଅଫିସ, ୧୧।୧୦**

ବାଲେଶ୍ୱର ରେଳଷ୍ଟେଶନର ୧ ନଂ. ପ୍ଲାଟଫର୍ମରୁ ଗତ ୩ ତାରିଖ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ମା' କୋଳରେ ଶୋଇଥିବା ଏକ ୩ମାସର ଶିଶୁପୁତ୍ରକୁ ଚୋରି କରିନେଇଥିବା ରେଲୱେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉକ୍ତ ଶିଶୁକୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗୀରଥି ବାରିକ, ସଦସ୍ୟ ପଦ୍ମଲୋଚନ ଦତ୍ତ, ଏଲ୍‌ପିଓ ମୁକ୍ତିକାନ୍ତ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଶୁକ୍ରବାର ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛନ୍ତି।

ଜଳେଶ୍ୱର ଅଞ୍ଚଳର ସୀତା ମାରାଣ୍ଡି ନାମ୍ନୀ ମହିଳା କିଛିଦିନ ପୂର୍ବରୁ ବାଲେଶ୍ୱର ସହର ସହଦେବଖୁଣ୍ଟା ମଡେଲ ଥାନା ଗୁଧିବସାରେ ଭଡ଼ା ରହି ଲୋକମାନଙ୍କ ଘରେ କାମ କରି ଚଳୁଥିଲେ। ଗତ ୩ ତାରିଖ ରାତିରେ ସେ ଘରକୁ ଫେରି ନ ପାରି ନିଜର ଶିଶୁପୁତ୍ର ସହ ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ସୀତା ଗଭୀର ନିଦ୍ରାରେ ଶୋଇଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଶିଶୁକୁ ନେଇଯାଇଥିଲେ। ନିଦ ଭାଙ୍ଗିବା ପରେ ସୀତା ତାଙ୍କ ପୁଅକୁ ନ ପାଇ ରେଲୱେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ରେଲୱେ ଥାନାରେ ପୋଲିସ ମାମଲା (ନଂ. ୬୨/୧୯) ରୁଜୁ କରି ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଜଳେଶ୍ୱରରୁ ଗଞ୍ଜାମ ଜିଲା ମୁକୁନ୍ଦପୁର ଅଞ୍ଚଳର ପି. ଯୋଗୀ ପାତ୍ର, ସ୍ତ୍ରୀ ବି. ଲକ୍ଷ୍ମୀ ପାତ୍ର, ଶିଳ୍ପାଞ୍ଚଳ ଥାନା ଶୋଭାରାମପୁର ଅଞ୍ଚଳର ପାଣ୍ଡିଆ କିସ୍କୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଏଯାଏ ଫେରାର ଅଛନ୍ତି। ଶିଶୁକୁ ଚୋରି କରି ବିହାର ନେଇଯିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶିଶୁକୁ ଉଦ୍ଧାର କରାଯାଇ କୁରୁଡ଼ାସ୍ଥିତ ନିର୍ମଳା ଶିଶୁ ଭବନରେ ରଖାଯାଇଥିଲା। ଗତ ଗୁରୁବାର ଶିଶୁପୁତ୍ରକୁ ନେବା ପାଇଁ ମା' ସୀତା ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ବାରିକ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝିଙ୍କୁ ଲିଖିତ ଭାବେ ଜଣାଇଥିଲେ। ସମସ୍ତ ପ୍ରମାଣପତ୍ର ପୈଠ କରିବା ପରେ ଶୁକ୍ରବାର ତାଙ୍କୁ ଶିଶୁପୁତ୍ରକୁ ହସ୍ତାନ୍ତର କରାଯାଇଛି।


ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ଉଦ୍ଧାର ଶିଶୁପୁତ୍ରକୁ ତା'ର ମା'ଙ୍କୁ ହସ୍ତାନ୍ତର କରାଯାଉଛି।

## ସଂକ୍ଷେପରେ

### ଲକ୍ଷ୍ମୀନାରାୟଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଘସିପୁରା,୧୧।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଘସିପୁରା ବ୍ଲକ ରେକୁଟିଆଠାରେ ଚାଲିଥିବା ୨୧ତମ ଲକ୍ଷ୍ମୀନାରାୟଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଫାଇନାଲ ମ୍ୟାଚରେ ସୁଆପୁରର କେ.ଡି କ୍ଲବ ୧-୦ ଗୋଲରେ ହର ବେତାଲ ବାବା ବେତାଲ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସୁଆପୁର ଦଳ ପକ୍ଷରୁ ଶ୍ରୀମାନ ବେଶ୍ରୀ ଗୋଲ୍ ସ୍କୋର କରିଥିଲେ। ରେଫରି ଭାବେ ସୁରେଶ ଭୂୟାଁ ମ୍ୟାଚ ପରିଚାଳନା କରିଥିଲେ। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଆନନ୍ଦପୁର ପ୍ରେସ କ୍ଲବ ସଭାପତି ଶତ୍ରୁଘ୍ନ ସାହୁ, ରେକୁଟିଆ ଓମଫେଡ଼ ଶାଖା ପରିଚାଳକ ମନୋରଞ୍ଜନ ଜେନା, ଖାଲିଆମେଣ୍ଟା ସୋସାଇଟି ସମ୍ପାଦକ ପର୍ଶୁରାମ ଜେନା, ଶିକ୍ଷକ ବିଶିକେଶନ କେଶୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟି ପକ୍ଷରୁ ରଞ୍ଜନ କୁମାର ଜେନା ଓ ତାରିଣୀ ପ୍ରସାଦ ଜେନା ଧାରାବିବରଣୀ ଦେଇଥିଲେ। ଗୋଲକ ନାୟକ, ଦିପୁନା ଜେନା, ହେମନ୍ତ କେଶୀ, ଅଭିମନ୍ୟୁ ଜେନା, ଟୁଟୁ ନାହକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅବକାରୀ ବିଭାଗ ଚଢ଼ାଉ, ୨ ଗିରଫ

**ଚମ୍ପୁଆ/ଝୁମ୍ପୁରା,୧୧।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲାରେ ବଢ଼ି ଚାଲିଥିବା ଚୋରା ଦେଶୀ ମଦ କାରବାର ରୋକିବା ପାଇଁ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୫ ଲିଟର ମହୁଲି ମଦ ଜବତ କରାଯିବା ସହ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ଦୁଲେଶ୍ୱର ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ସକାଳ ୭ ଟାରୁ କାଉଁରୀକଳା, ଖେଣ୍ଡରା, ଚକୁଲିସାହି ଓ ରାମଚନ୍ଦ୍ରପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ କାଉଁରୀକଳାର ଯୁଗଳ କିଶୋର ମୁଣ୍ଡା ଓ ଖେଣ୍ଡରାର ପାରେଶ୍ୱର ଦାସଙ୍କୁ ଗିରଫ କରାଯାଇଥିଲା। ତେବେ ମଦ ରନ୍ଧା କାର୍ଯ୍ୟ ଚାଲିଥିବା ସ୍ଥାନରୁ କେତେକ ପ୍ରସ୍ତୁତକାରୀ ଅବକାରୀ କର୍ମଚାରୀଙ୍କୁ ଦେଖି ସ୍ଥାନ ଛାଡି ପଳାଇଥିଲେ।

### ଢେଙ୍କାରେ ଏମପି, ବିଧାୟକଙ୍କୁ ଶୁଭେଚ୍ଛା



**ବଉଳା, ୧୧।୧୦(ଡି.ଏନ.ଏ.):** କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁ ଓ ବିଧାୟକ ଭାଗୀରଥି ସେଠୀ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେବାକୁ ଆସିଥିବା ଅବସରରେ ଦଳୀୟ କର୍ମୀ ସେମାନଙ୍କୁ ହାଟଡିହୀ ବ୍ଲକର ଢ଼େଙ୍କା ଛକରେ ସ୍ୱାଗତ ଜଣାଇ ଥିଲେ। ରବୀନ୍ଦ୍ର ନାୟକଙ୍କ ନେତୃତ୍ୱରେ ମୁନା ମହାନ୍ତି, ମାର୍କଣ୍ଡ ଓଝା, ପ୍ରଭାତ ବିଶ୍ୱାଳ, ନାରାୟଣ ବେହେରା ପ୍ରମୁଖ ବହୁ କର୍ମୀ ଓ ମହିଳା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିବରେଇ ରାମଚନ୍ଦ୍ର କେଏସକେର ଏମଡି ଗୋପୀନାଥ ଆଇଚ, ଗଉରା ସାମଲ, ଅନନ୍ତ ଆଇଚ, ଜୁଲୁ ଆଇଚ,ଅରୂପା ଧଳ, ଗୋଲକ ରାଉତ, ବାବୁଲି ଲେଙ୍କା, ଅଜୟ ମହାନ୍ତିଙ୍କ ସମେତ ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ପବିତ୍ର ପେଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ତରବରିଆ ପଦକ୍ଷେପ ସମସ୍ୟାକୁ କରିଛି ଜଟିଳ

**ଯୋଡ଼ା, ୧୧।୧୦(ଡି.ଏନ.ଏ.)**

ଯୋଡା ଅଞ୍ଚଳର ପ୍ରଦୂଷଣ ସମସ୍ୟା ବୃଦ୍ଧି ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉଁଚବାଲୀ ଗ୍ରାମବାସୀଙ୍କ ପକ୍ଷରୁ ଖାଲଖମାରେ ଭର୍ତ୍ତି ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଖଣିସଂସ୍ଥାକୁ ଦାବିପତ୍ର ଦିଆଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର କରା ନ ଗଲେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଖଣି ସଂସ୍ଥା ଓ ପ୍ରଶାସନ ତତ୍ପରତା ଦେଖାଇ ତରବରିଆ ଭାବେ ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ବଡ ବଡ ଖାଲରେ ମୋରମ ପକାଇ ଦେବାରୁ ଏବେ ଅବସ୍ଥା ଅଧିକ ଖରାପ ହୋଇପଡିଥିବା ଗ୍ରାମବାସୀ କହିଛନ୍ତି। ଉଲ୍ଲେଖନୀୟ ଯେ, ସ୍ଥାନୀୟ ୨ ନମ୍ବର ରାଜ୍ୟରାଜପଥର ମରାମତି ଓ ନିର୍ମାଣ କାର୍ଯ୍ୟ ଲାଗି ବିଭିନ୍ନ ସମୟରେ ଲୋକେ ଆନ୍ଦୋଳନ କରିବା ସହିତ ଜିଲାପାଳଙ୍କଠାରେ ଅଭିଯୋଗ କରି ଆସୁଥିଲେ। ରାସ୍ତା ନିର୍ମାଣ ସକାଶେ ଡିଏମଏଫ ଅର୍ଥ ବ୍ୟୟରେ ଏବେ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ହେଲେ ନିମ୍ନମାନର କାମ ସମସ୍ୟାକୁ ଅଧିକ ଜଟିଳ କରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଅକ୍ଟୋବର ୧୨/୨୦୧୯ Berhampur, Saturday, October 12/ 2019

## ସଂକ୍ଷେପରେ

### ଦୁର୍ଗାପୂଜା କମିଟିର ଭସାଣି ଉତ୍ସବ



ଖଜୁରିପଡ଼ା,୧୧।୧୦(ଡି.ଏନ.ଏ.)- ଖଜୁରିପଡ଼ା ବ୍ଲକ ମା' ଜଗତଜନନୀ ଦୁର୍ଗାପୂଜା କମିଟି ପକ୍ଷରୁ ବାରପୁଲିଆ ଯାତ୍ରୀ ବିଶ୍ରାମାଗାରରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇ ମା'ଙ୍କ ମେଢ଼ ଭସାଣି ଉତ୍ସବ ଶେଷ ହୋଇଯାଇଛି। ବ୍ଲକର ଦୁତିପଡ଼ା ପଞ୍ଚାୟତର କୁକୁରୁକମ୍ପା, ରାଇଖୋଲ, ବାରପୁଲିଆ ତିନୋଟି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦୁର୍ଗାପୂଜା କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଅନୁଜ କୁମାର ଜାନୀ, ସମ୍ପାଦକ ଶୁକଦେବ ସେଠୀ, ଅଞ୍ଚଳର ବୁଦ୍ଧିଜୀବୀ ରବୀନ୍ଦ୍ର ମଲିକ, ସୁବଳ ମଲିକ, ସୁବାସ ଚନ୍ଦ୍ର ମଲିକ ପ୍ରମୁଖ ଭସାଣି ଉତ୍ସବରେ ଯୋଗଦେଇଥିଲେ। ଏକ ଟ୍ରାକ୍ଟରରେ ପୂଜା ମଣ୍ଡପରୁ ପଟୁଆର ବାହାରି ବାରପୁଲିଆ ପୋଲ ନାଳରେ ଭସାଣି କରି ମା'ଙ୍କୁ ମେଲାଣି ଦେଇଥିଲେ।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୧।୧୦-କବିସୂର୍ଯ୍ୟନଗର ତହସିଲ ଗୁଡ଼ିଆଲି ରାଜସ୍ୱ ସର୍କଲ ଅଧୀନରେ ଥିବା ୪ ପଞ୍ଚାୟତ ବୋଲସର, ସୁନାରୀଝୋଲା, ଜରଡ଼ ଓ ଗୁଡ଼ିଆଲି ସମେତ ୧୦ଗାଁକୁ ନେଇ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ିଆଲି ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମରେ ତହସିଲଦାର ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ହୃଦାରଞ୍ଜନ ସାହୁ, ସୁପରଭାଇଜର ସୁଦାମ ଚରଣ ସେଠୀ, ସେକ୍ସନ ଅଫିସର କେ. ଜଗନ୍ନାଥ ରେଡ୍ଡୀ ଓ ବିଡିଓ ବାସୁଦେବ ନାୟକ ପ୍ରମୁଖ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ପରେ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। କାର୍ଯ୍ୟକ୍ରମକୁ ଗୁଡ଼ିଆଲି ସରପଞ୍ଚ କୁମର ଜେନା ପରିଚାଳନା କରିଥିଲେ।

■ମନ୍ଦିର, ଜମିକୁ ନେଇ ଗଣ୍ଡଗୋଳ

# ଦୁଇ ମାମଲା ରୁଜୁ, ୭ କୋର୍ଟ ଚାଲାଣ

ଗୋପାଳପୁର,୧୧।୧୦

ଦୀର୍ଘବର୍ଷ ଧରି ଦୁର୍ଗାଙ୍କ ମନ୍ଦିର ଓ ଜମିକୁ ନେଇ ଦୁଇ ସମ୍ପର୍କୀୟ ଭାଇଙ୍କ ମଧ୍ୟରେ ଲାଗି ରହିଥିବା ବାଦବିବାଦ ଗୁରୁବାର ଉଗ୍ରରୂପ ନେଇଛି। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଗୋପାଳପୁର ପୋଲିସ ଉଭୟ ପକ୍ଷର ୭ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡୁରା ଗ୍ରାମର ବ୍ରଜବନ୍ଧୁ ସେଠୀ, ହରିହର ସେଠୀ, ଗୁରୁନାଥ ସେଠୀ, ରଘୁନାଥ ସେଠୀ, ଶିବରାମ ସେଠୀ, ଶତ୍ରୁଘନ ସେଠୀ, ନିର ସେଠୀ ଓ କୃଷ୍ଣ ସେଠୀ।

ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ଡୁରା ଗ୍ରାମ ତଳସାହିରେ ଦୀର୍ଘ ୪୦ ବର୍ଷ ହେଲା ମା' ଦୁର୍ଗାଙ୍କ ମନ୍ଦିର ଓ ଜମିକୁ ନେଇ ଶିବରାମ ଓ ବ୍ରଜବନ୍ଧୁଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଉଭୟେ ଏହାକୁ ପୈତୃକ ସମ୍ପତ୍ତି ବୋଲି ଦାବି କରୁଛନ୍ତି। ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଅଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ବ୍ରଜବନ୍ଧୁ ଉକ୍ତ ମନ୍ଦିରକୁ ଯାଇ ପୂଜା କରିବାବେଳେ ଶିବରାମ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଉଭୟଙ୍କ ପରିବାର ଲୋକେ ପହଞ୍ଚି ମାରପିଟ କରିଥିଲେ। ଏଥିରେ ୩ଜଣ ଆହତ ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଶିବରାମ ଗୋପାଳପୁର ଥାନାର ଅଭିଯୋଗ କରିଥିଲେ। ନଂ.୧୧୯/୧୯ରେ ମାମଲା ରୁଜୁ କରିଥିଲା। ପରେ ବ୍ରଜବନ୍ଧୁଙ୍କ ପାଲଟା ଅଭିଯୋଗପ୍ରମେ ନଂ.୧୨୦/୧୯ରେ ମାମଲା ରୁଜୁ କରି ତଦନ୍ତ କରିତ୍ୱଲା। ଏଥିରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# କାର୍‌କୁ ପିଟିଲା ପିକ୍‌ଅପ୍, ୫ ଆହତ

ଖଲ୍ଲିକୋଟ,୧୧।୧୦(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଭେଜିପୁଟ ଛକ ନିକଟରେ ଏକ କାର୍‌କୁ ପିକଅପ୍ ଭ୍ୟାନ୍ ଧକ୍କା ଦେବାରୁ ୫ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶଶାଙ୍କ ଶେଖର ରଥଙ୍କ ପରିବାର କାର୍‌ରେ ବ୍ରହ୍ମପୁରରୁ ବାଲୁଗାଁ ଅଭିମୁଖେ ଯାଉଥିବା ବେଳେ ଭେଜିପୁଟ ଛକ ନିକଟରେ କାର୍‌ର ଆଗ ଟାୟାର ଫାଟି ଡିଭାଇଡର ତଳକୁ ଖସି ପଡ଼ିଥିଲା। ଫଳରେ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନ କାର୍‌କୁ ଧକ୍କା ଦେଇଥିଲା। କାର୍‌ରେ ବସିଥିବା ଜଣେ ମହିଳା, ୨ ବାଳକ ଆହତ ହୋଇଥିବା ବେଳେ ପୁରୁଷ ୨ ଜଣ ଗୁରୁତର ହୋଇଛନ୍ତି। ଭେଜିପୁଟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛି।



ଆହତଙ୍କୁ ଉଦ୍ଧାର କରୁଛନ୍ତି ସ୍ଥାନୀୟ ଲୋକ।

## ମଦ ଜବତ, ୨ ଗିରଫ

ବଡବିଲ, ୧୧।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ହରମଠ ଗ୍ରାମ୍ୟ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ପୋଲିସ ଚଢାଉ କରି ମହୁଲି ମଦ ଚୋରାଚାଲାଣ କରୁଥିବା ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ ଓ ୨ଟି ଟ୍ୟୁବରେ ଥିବା ୪୦ ଲିଟର ମହୁଲିମଦ ଜବତ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହରମଠ ଗ୍ରାମର ପୁଷେ ମୁଣ୍ଡା ଓ ରାହୁଲ କୁମାର ସାହା। ସେମାନେ ବଲାଣୀ ଥାନା ଅଞ୍ଚଳରୁ ବାଇକ ଯୋଗେ ରୁଗୁଡିକୁ ମହୁଲି ମଦ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ରୁଗୁଡି ଥାନା ଏସ୍‌ଆଇ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## ତରବରିଆ ଭାବେ ଚାଲିଛି ଚିକିତ୍ସାଳୟ ସଫେଇ

କେନ୍ଦୁଝର,୧୧।୧୦(ସ୍ୱ.ପ୍ର.)

ଆସନ୍ତା ୧୪ତାରିଖରେ ୫- ଟି ସଚିବ୍ ଭି. କେ. ପାଣ୍ଡିଆନ କେନ୍ଦୁଝର ଜିଲାକୁ ଗସ୍ତରେ ଆସୁଥିବା ଚର୍ଚ୍ଚା ହେଉଛି। ସେ ବିଭିନ୍ନ ଚିକିତ୍ସାଳୟ ଅଚାନକ ଗସ୍ତ କରୁଥିବାରୁ ଏଠାକାର ଜିଲା ମୁଖ୍ୟ ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଥିବା ଦେଖିବାକୁ ମିଳିଛି। ଉଚ୍ଚ ଅଧିକାରୀଙ୍କ ସମେତ କର୍ମଚାରୀ ଉପସ୍ଥିତ ରହି ଶ୍ରମିକ ଓ ଜେସିବି ମେଶିନ ଦ୍ୱାରା ସଫେଇ କାର୍ଯ୍ୟ ତଦାରଖ କରୁଛନ୍ତି। ଡ଼ାକ୍ତରଖାନାରେ ନୂଆ ବେଡ଼ ପକାଇ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି। ପୂର୍ବରୁ ଡାକ୍ତରଖାନା ପରିସର ସଫେଇ ହେଉ ନ ଥିବା ବେଳେ ଏବେ ତରବରିଆ କାମ ଆଲୋଚନାର ବିଷୟ ହୋଇଛି।

# ନିଶାସକ୍ତ ଯୁବକଙ୍କ ଠେଙ୍ଗା ମାଡ଼ରେ ମହିଳା ଗୁରୁତର

ସୋରଡ଼ା,୧୧।୧୦(ଡି.ଏନ.ଏ.)

ସୋରଡ଼ା ବ୍ଲକ ଗୋପାଳପୁର ଶାସନ ହାତିପଡ଼ା ଗ୍ରାମର ବିଦେଶୀ ଗୌଡ଼ଙ୍କ ସ୍ତ୍ରୀ ନୟନୀଙ୍କୁ ଶୁକ୍ରବାର ଜଣେ ନିଶାସକ୍ତ ଯୁବକ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ନୟନୀ ଅପରାହ୍ନରେ ନିଜ ଜମିରେ ଚାଷକାମ କରୁଥିବାବେଳେ ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ଠେଙ୍ଗାରେ ନୟନୀଙ୍କ ମୁଣ୍ଡକୁ ପିଟିଥିଲେ। ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସୋରଡ଼ା ଡାକ୍ତରଖାନାରେ ପହଞ୍ଚାଇଥିଲେ। ପରେ ନୟନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ବିଦେଶୀ ଥାନାକୁ ଜଣାଇଛନ୍ତି।

**ଅଭିଯୁକ୍ତ ଫେରାର**

ଘଟଣା ପରେ ଆକ୍ରମଣକାରୀ ଫେରାର୍ ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଯୁବକ ଜଣକ ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ସହ ଗଣ୍ଡଗୋଳ କରନ୍ତି। ନୟନୀଙ୍କୁ କଣ ପାଇଁ ଆକ୍ରମଣ କଲେ ତାହାର ପ୍ରକୃତ କାରଣ ଜଣାପଡିନାହିଁ।

# ଗ୍ରାମ ରୋଜଗାର ସେବକଙ୍କୁ ତାଲିମ



ତାଲିମ ଶିବିରରେ ଗ୍ରାମ ରୋଜଗାର ସେବକ ଓ ଅନ୍ୟମାନେ।

ଶେରଗଡ଼,୧୧।୧୦(ଡି.ଏନ.ଏ.)

ଶେରଗଡ଼ ବ୍ଲକ ପାଟପଲ୍ଲୀ ଗ୍ରାମରେ ଶୁକ୍ରବାର ଗ୍ରାମ ରୋଜଗାର ସେବକଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ମାନଚିତ୍ର ଆଙ୍କିବା ନେଇ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିଡ଼ିଓ ସୁରଞ୍ଜନ କୁମାର ସାହୁ ଶୁଭାରମ୍ଭ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର ଷଡ଼ଙ୍ଗୀ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକ ସହକାରୀ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡା ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ତଥ୍ୟ ଉପରେ ଆଲୋଚନା ହୋଇଥିଲା। ୨୨ ପଞ୍ଚାୟତ ୯୫ଗ୍ରାମର ମାନଚିତ୍ର ଆଙ୍କିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଓ କୁଶଳୀ ଶ୍ରମିକଙ୍କ କାମକୁ ପାଧାନ୍ୟ ଦେବା, ଶ୍ରମିକଙ୍କ ମଜୁରୀର ହିସାବ କରିବା ନେଇ ତଥ୍ୟ ବିଡ଼ିଓ ଶ୍ରୀ ସାହୁ ଉପସ୍ଥାପନ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ